# ଅନୈତିକ ଚାଲାଣ (ପ୍ରତିଷେଧ ) ଆଇନ୍ – ୧୯୫୬

(୧୯୫୬ର ଆଇନ୍ ସଂଖ୍ୟା ୧୦୪)

*(୧୯୮୬ ମସିହା ପର୍ଯ୍ୟନ୍ତ ସଂଶୋଧିତ ହୋଇଥିବା ମତେ)*

## ସୂଚୀ


୧. ସଂକ୍ଷିପ୍ତ ଶିରୋନାମା, ପରିସର ଓ ପ୍ରାରମ୍ଭ

୨. ସଂଜ୍ଞାମାନ

୩. ବେଶ୍ୟାଳୟ ପରିଚାଳନା ବା ଏକ ସ୍ଥାନର ପରିସରକୁ ବେଶ୍ୟାଳୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଅନୁମତି ଦେବା କାରଣରୁ ଦଣ୍ଡବିଧାନ

୪. ବେଶ୍ୟାବୃତ୍ତି-ଜନିତ ଆୟରେ ଜୀବିକା ନିର୍ବାହ କାରଣରୁ ଦଣ୍ଡବିଧାନ

୫. ବେଶ୍ୟାବୃତ୍ତି ଉଦ୍ଦେଶ୍ୟରେ ଲୋକଙ୍କୁ ଧରିଆଣିବା, ଜୁଟାଇବା ବା ଚାଲାଣ କରିବା

୬. ବେଶ୍ୟାବୃତ୍ତି ଚାଲୁଥିବା ସ୍ଥାନରେ କୌଣସି ବ୍ୟକ୍ତିଙ୍କୁ ଅଟକାଇବା

୭. ସର୍ବସାଧାରଣ ସ୍ଥାନ ବା ଆଖପାଖରେ ବେଶ୍ୟାବୃତ୍ତି

୮. ବେଶ୍ୟାବୃତ୍ତି ପାଇଁ ପ୍ରଲୁବ୍ଧ ଏବଂ ଆକୃଷ୍ଟ କରିବା

୯. ହେପାଜତରେ ଥିବା ବ୍ୟକ୍ତିଙ୍କୁ ପ୍ରଲୁବ୍ଧ କରିବା

୧୦. ପରଖକାଳରେ ଉତ୍ତମ ବ୍ୟବହାର ପାଇଁ ବା ଯଥୋଚିତ ଭର୍ତ୍ସନା ପରେ ଖଲାସ

୧୧. ପୂର୍ବରୁ ଅଭିଯୁକ୍ତ ହୋଇଥିବା ଅପରାଧୀମାନଙ୍କ ଠିକଣାକୁ ବିଜ୍ଞପ୍ତି କରିବା

୧୨. ଅଭ୍ୟାସଗତ ଅପରାଧୀମାନଙ୍କ ଠାରୁ ଉତ୍ତମ ବ୍ୟବହାର ପାଇଁ ପ୍ରତିଭୂ ସଂଗ୍ରହ x x x x x

୧୩. ସ୍ୱତନ୍ତ୍ର ପୋଲିସ୍ ଅଧିକାରୀ ଓ ଉପଦେଷ୍ଟା ଗୋଷ୍ଠୀ

୧୪. କେଉଁସବୁ ଅପରାଧ ଧର୍ତ୍ତବ୍ୟ ବିବେଚିତ ହେବ

୧୫. ବିନା ପରୱାନାରେ ତଲାସି

୧୬. ସଂପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରିବା

୧୭. ଧାରା ୧୫ ଅଧୀନରେ ଅପସାରଣ କରାଯାଇଥିବା ବ୍ୟକ୍ତି ଏବଂ ଧାରା ୧୬ ଅଧୀନରେ ଉଦ୍ଧାର କରାଯାଇଥିବା ବ୍ୟକ୍ତିର ମଧ୍ୟବର୍ତ୍ତୀକାଳୀନ ଜିମା

୧୮. ବେଶ୍ୟାଳୟ ବନ୍ଦ କରିବା ତଥା ଏହାର ପରିସରରୁ ଅପରାଧୀମାନଙ୍କୁ ବହିଷ୍କାର କରିବା

୧୯. ସୁରକ୍ଷା ଗୃହରେ ଆଶ୍ରୟ ପାଇଁ ଆବେଦନ ବା ଅଦାଲତ ଦ୍ୱାରା ଯତ୍ନ ଓ ସୁରକ୍ଷା ପ୍ରଦାନ

୨୦. ଯେ କୌଣସି ସ୍ଥାନରୁ ବେଶ୍ୟାଙ୍କୁ ବହିଷ୍କାର କରିବା

୨୧. ସୁରକ୍ଷା ଗୃହ

୨୨. ବିଚାର-

୨୩. ନିୟମାବଳୀ ପ୍ରଣୟନ ପାଇଁ କ୍ଷମତା

୨୪. ଅନ୍ୟ କୌଣସି ଆଇନ୍‌କୁ କ୍ଷୁର୍ଣ୍ଣ କରୁନଥିବା ଆଇନ୍

୨୫. ପ୍ରତ୍ୟାହର ଓ ସଂରକ୍ଷଣ -

ଅନୁସୂଚୀ [ଦ୍ରଷ୍ଟବ୍ୟ- ଧାରା ୨(ସି)]

# ଅନୈତିକ ଚାଲାଣ (ପ୍ରତିଷେଧ) ଆଇନ୍ , ୧୯୫୬ (୧୯୫୬ର ଆଇନ୍ ସଂଖ୍ୟା-୧୦୪)

୩୦ ଡିସେମ୍ବର ୧୯୫୬

ଅନୈତିକ ଚାଲାଣର ନିବାରଣ ପାଇଁ ନିଉୟର୍କରେ ୯ ମଇ, ୧୯୫୦ରେ ସ୍ୱାକ୍ଷରିତ ହୋଇଥିବା ଆନ୍ତର୍ଜାତିକ ସମ୍ମେଳନର ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ଭାରତୀୟ ପ୍ରଜାତନ୍ତ୍ରର ସପ୍ତମ ବର୍ଷରେ ନିମ୍ନ ମତେ ଆଇନ୍ ପ୍ରଣୟନ କରାଯାଉଛି –

**୧. ସଂକ୍ଷିପ୍ତ ଶିରୋନାମା, ପରିସର ଓ ପ୍ରାରମ୍ଭ -**

(୧) ଏହି ଆଇନ୍‌କୁ ଅନୈତିକ ଚାଲାଣ (ପ୍ରତିଷେଧ) ଆଇନ୍, ୧୯୫୬ କୁହାଯାଇପାରେ ।

(୨) ସମଗ୍ର ଭାରତ ବର୍ଷ ଏହାର ପରିସରଭୁକ୍ତ ।

(୩) ଏହି ଧାରା ସଙ୍ଗେ ସଙ୍ଗେ ବଳବତ୍ତର ହେବ; ଏବଂ ଏହି ଆଇନ୍‌ର ଅବଶିଷ୍ଟ ବବସ୍ଥାଗୁଡିକ ସେହି ତାରିଖରୁ ବଳବତ୍ତର ହେବ, ଯାହା କି କେନ୍ଦ୍ର ସରକାର ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ବଳରେ ଧାର୍ଯ୍ୟ କରିପାରନ୍ତି ।

**୨. ସଂଜ୍ଞାମାନ-**

ପରିପ୍ରେକ୍ଷୀ ଭିନ୍ନାର୍ଥ ଆବଶ୍ୟକ କରୁନଥିଲେ, ଏହି ଆଇନ୍‌ରେ -

(ଏ) ବେଶ୍ୟାଳୟ' ମଧ୍ୟରେ ଅନ୍ତର୍ଭୁକ୍ତ ହେବ ଯେ କୌଣସି ଗୋଟିଏ ଗୃହ, କୋଠରୀ, ଯାନବାହନ ବା ସ୍ଥାନ ଅଥବା ଗୃହ ବା କୋଠରୀ, ବା ଯାନବାହନ ବା ସ୍ଥାନର କୌଣସି ଏକ ଅଂଶ, ଯାହାକି ଅନ୍ୟ ଜଣେ ବ୍ୟକ୍ତିର ଫାଇଦା ପାଇଁ ବା ଦୁଇ ବା ତତୋଧିକ ବେଶ୍ୟାଙ୍କର ପାରସ୍ପରିକ ଫାଇଦା ପାଇଁ ଯୌନଗତ ଶୋଷଣ ବା ଅପବ୍ୟବହାର ଉଦ୍ଦେଶ୍ୟରେ ବ୍ୟବହୃତ କରାଯାଇଥାଏ;

(ଏ-ଏ) "ବାଳୁତ"ର ଅର୍ଥ ଜଣେ ବ୍ୟକ୍ତି ଯେ କି ୧୬ ବର୍ଷରେ ପହଞ୍ଚି ନାହିଁ;

(ବି) "ସଂଶୋଧକ ସଂସ୍ଥା"ର ଅର୍ଥ ଏଭଳି ଏକ ସଂସ୍ଥା, ଯାହାକି (ଆଇନ୍‌ର ଧାରା ୨୧ ଅଧୀନରେ ପ୍ରତିଷ୍ଠିତ ଏବଂ ଲାଇସେନ୍ସ ପ୍ରାପ୍ତ ହୋଇ ଯେ କୌଣସି ନାମରେ ପରଚିତ ହୋଇପାରେ; ଯେଉଁଠାରେ ସଂଶୋଧନ ଆବଶ୍ୟକ କରୁଥିବା ବ୍ୟକ୍ତିମାନେ ଏହି ଆଇନ୍ ଅନୁଯାୟୀ ଅଟକ ହୋଇପାରନ୍ତି, ଏବଂ ଏହି ଅର୍ଥ ଭିତରେ ଅନ୍ତର୍ଭୁକ୍ତ ରହିବ ରହଣି ଗୃହ ଯେଉଁଠାରେ ଏହି ଆଇନ୍ ଅଧୀନସ୍ଥ ବିଚାରାଧୀନ ବ୍ୟକ୍ତିମାନଙ୍କୁ ରଖାଯାଇ ପାରିବ;

(ସି) "ମାଜିଷ୍ଟ୍ରେଟ୍"ର ଅର୍ଥ ଅନୁସୂଚୀର ଦ୍ୱିତୀୟ ସ୍ତମ୍ଭରେ ସୂଚୀତ ହୋଇଥିବା ମାଜିଷ୍ଟ୍ରେଟ୍, ଯାହାଙ୍କ ବିଷୟରେ ବିଭିନ୍ନ ଧାରା ଭିତରେ ସୂଚନା ଦିଆଯାଇଛି ଏବଂ ଯେ କି ସଂପୃକ୍ତ ଧାରାଗୁଡିକ ଭିତରେ ସୂଚୀତ ହୋଇଥିବା କ୍ଷମତାବଳୀକୁ ପ୍ରୟୋଗ କରିବା ପାଇଁ କ୍ଷମତାପ୍ରାପ୍ତ, ଏବଂ ସେହି ଧାରାଗୁଡିକ ଅନୁସୂଚୀର ପ୍ରଥମ ସ୍ତମ୍ଭରେ ବିନିର୍ଦ୍ଦିଷ୍ଟ ହୋଇଛି;

(ସି-ଏ) "ସାବାଳକ"ର ଅର୍ଥ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତି ;

(ସି-ବି) "ନାବାଳକ"ର ଅର୍ଥ ୧୬ ବର୍ଷରୁ ଉର୍ଦ୍ଧ୍ୱ କିନ୍ତୁ ୧୮ ବର୍ଷରୁ କମ୍ ବୟସର ଜଣେ ବ୍ୟକ୍ତି;

(ଡି) "ବିହିତ" ର ଅର୍ଥ ଏହି ଆଇନ୍ ଅଧୀନରେ ପ୍ରଣୀତ ନିୟମାବଳୀ ଅନୁଯାୟୀ ଯାହା ବିହିତ କରାଯାଇଥିବ ;

(ଇ) x x x x x

(ଏଫ୍) "ବେଶ୍ୟାବୃତ୍ତି"ର ଅର୍ଥ ବ୍ୟବସାୟିକ ଉଦ୍ଦେଶ୍ୟରେ କୌଣସି ବ୍ୟକ୍ତିଙ୍କୁ ଶୋଷଣ ବା ଅପବ୍ୟବହାର କରିବା ଏବଂ ଏହି "ବେଶ୍ୟା" ଶବ୍ଦକୁ ତଦନୁଯାୟୀ ବ୍ୟାଖ୍ୟା କରାଯିବ ;

(ଜି) "ସୁରକ୍ଷା ଗୃହ"ର ଅର୍ଥ ଏଭଳି ଏକ ସଂସ୍ଥା, ଯାହାକି (ଆଇନ୍‌ର ଧାରା ୨୧ ଅଧୀନରେ ପ୍ରତିଷ୍ଠିତ ଏବଂ ଲାଇସେନ୍ସ ପ୍ରାପ୍ତ ହୋଇ) ଯେ କୌଣସି ନାମରେ ପରଚିତ ହୋଇପାରେ; ଏବଂ ଯେଉଁଠାରେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ବ୍ୟକ୍ତିମାନଙ୍କୁ ଏହି ଆଇନ୍ ଅନୁଯାୟୀ ଆଶ୍ରୟ ଦିଆଯାଇପାରେ, ଏବଂ ଯେଉଁଠାରେ ଯଥୋଚିତ ବୈଷିୟକ ଯୋଗ୍ୟତା-ସମ୍ପନ୍ନ ବ୍ୟକ୍ତିଗଣ, ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ଉପଲବ୍ଧ ଥିବ, କିନ୍ତୁ ଏହି ଅର୍ଥ ଭିତରେ ଅନ୍ତର୍ଭୁକ୍ତ ହେବନାହିଁ –

(୧) ଏହି ଆଇନ୍ ଅନୁଯାୟୀ ବିଚାରାଧୀନ ବ୍ୟକ୍ତିମାନଙ୍କ ରହଣି ପାଇଁ ଉଦ୍ଦିଷ୍ଟ ଆଶ୍ରୟସ୍ଥଳୀ, କିମ୍ବା

(୨) ଏକ ସଂଶୋଧକ ଗୃହ ;

(ଏଚ୍) "ସର୍ବସାଧାରଣ ସ୍ଥାନ"ର ଅର୍ଥ ଯେ କୌଣସି ଏକ ସ୍ଥାନ, ଯାହାକୁ ସର୍ବସାଧାରଣ ବ୍ୟବହାର କରିବା ପାଇଁ ଚାହିଁ ପାରନ୍ତି ବା ଯେଉଁ ସ୍ଥାନ ସର୍ବସାଧାରଣଙ୍କ ପାଇଁ ସୁଗମ୍ୟ ହୋଇଥାଏ ଏବଂ ଏହି ଅର୍ଥ ଭିତରେ ଅନ୍ତର୍ଭୁକ୍ତ ରହିବ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ କୌଣସି ସୁବିଧା;

(ଆଇ) "ସ୍ୱତନ୍ତ୍ର ପୋଲିସ୍ ଅଧିକାରୀ"ର ଅର୍ଥ ଏହି ଆଇନ୍‌ର ଉଦ୍ଦେଶ୍ୟ ପୂର୍ତ୍ତୀ ପାଇଁ କୌଣସି ଏକ ବିନିର୍ଦ୍ଦିଷ୍ଟ ଅଞ୍ଚଳରେ ପୋଲିସ୍ ଭାବେ କର୍ତ୍ତବ୍ୟ ସମ୍ପାଦନ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ବା ତରଫରୁ ନିଯୋଜିତ ହୋଇଥିବା ଜଣେ ପୋଲିସ୍ ଅଧିକାରୀ ;

(ଜେ) "ଚାଲାଣ ପୋଲିସ୍ ଅଧିକାରୀ"ର ଅର୍ଥ ଧାରା ୧୩ର ଉପଧାରା ୪ ମତେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୋଜିତ ଏକ ପୋଲିସ୍ ଅଧିକାରୀ ।

**୩. ବେଶ୍ୟାଳୟ ପରିଚାଳନା ବା ଏକ ସ୍ଥାନର ପରିସରକୁ ବେଶ୍ୟାଳୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଅନୁମତି ଦେବା କାରଣରୁ ଦଣ୍ଡବିଧାନ -**

(୧) ଯଦି ଜଣେ ବ୍ୟକ୍ତି ବେଶ୍ୟାଳୟ ଚଳାଉଥାନ୍ତି, ବା ତହିଁର ପରିଚାଳନା କରୁଥାନ୍ତି ବା ଏକ ବେଶ୍ୟାଳୟ ଚଳାଇରଖିବା ବା ଏହାର ପରିଚାଳନାରେ ଅଂଶଗ୍ରହଣ ବା ସହଯୋଗ କରୁଥାନ୍ତି, ତେବେ ସେ ପ୍ରଥମ ଥର ଦୋଷୀ ସାବସ୍ତ୍ୟ ହେବା କାରଣରୁ ଯେଉଁ ଅବଧି ପାଇଁ ସଶ୍ରମ ଜେଲ୍‌ଦଣ୍ଡରେ ଦଣ୍ଡିତ ହେବେ ତାହା ଏକବର୍ଷରୁ କମ୍ ଏବଂ ତିନି ବର୍ଷରୁ ଅଧିକ ହେବନାହିଁ ଏବଂ ତତ୍ ସହିତ ସର୍ବାଧିକ ଦୁଇହଜାର ଟଙ୍କାଯାଏ ଜୋରିମାନରେ ଦଣ୍ଡିତ ହେବେ ଏବଂ ଦ୍ୱିତୀୟ ବା ପରବର୍ତ୍ତୀ ଥର ପାଇଁ ଦୋଷୀ ସାବ୍ୟସ୍ତ ହେଲେ ସେ ଯେଉଁ ଅବଧି ପାଇଁ ସଶ୍ରମ ଜେଲ୍‌ଦଣ୍ଡରେ ଦଣ୍ଡିତ ହେବେ ତାହା ଦୁଇବର୍ଷରୁ କମ୍ କିନ୍ତୁ ପାଞ୍ଚବର୍ଷରୁ ଅଧିକ ହେବନାହିଁ ଏବଂ ତତ୍ ସହିତ ସର୍ବାଧିକ ଦୁଇହଜାର ଟଙ୍କାଯାଏଁ ଜୋରିମାନା ଲାଗୁ ହୋଇପାରିବ ।

(୨) ଯଦି କୌଣସି ବ୍ୟକ୍ତି-

(ଏ) କୌଣସି ପରିସରକୁ ଭଡ଼ା ବା ଲିଜ୍ ସୂତ୍ରରେ ନେଇଥାନ୍ତି ବା ତହିଁର ଦଖଲରେ ବା ଦାୟିତ୍ୱରେ ଥାଆନ୍ତି, ଏବଂ ସେହି ପରିସରକୁ ବା ତହିଁର ଏକ ଅଂଶକୁ ବେଶ୍ୟାଳୟ ଭାବେ ନିଜେ ବ୍ୟବହାର କରୁଥାନ୍ତି ବା ନିଜ ଜାଣତରେ ଅନ୍ୟ କୌଣସି ବ୍ୟକ୍ତିକୁ ଅନୁରୂପ ବ୍ୟବହାର କରିବାକୁ ଅନୁମତି ଦେଇଥାନ୍ତି, ବା

(ବି) କୌଣସି ପରିସରର ମାଲିକ, ଲିଜ୍‌ଧାରୀ ବା ସ୍ୱତ୍ୱାଧିକାରୀ ହୋଇଥାନ୍ତି ବା ମାଲିକ, ଲିଜ୍‌ଧାରୀ ବା ସ୍ୱତ୍ୱାଧିକାରୀଙ୍କର ଏଜେଣ୍ଟ ହୋଇଥାନ୍ତି ଏବଂ ଉକ୍ତ ପରିସର ବା ତହିଁର କୌଣସି ଅଂଶକୁ ଭଡ଼ା ସୂତ୍ରରେ ଲଗାଇଥାନ୍ତି ଏବଂ ଏକଥା ଜାଣିଥାନ୍ତି ଯେ, ଉକ୍ତ ପରିସର ବା ଏହାର ଏକ ଅଂଶ ବେଶ୍ୟାଳୟ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇପାରେ ବା ସେହି ପରିସର ବା ତହିଁର ଅଂଶବିଶେଷ ଏକ ବେଶ୍ୟାଳୟ ଭାବେ ବ୍ୟବହାର ହେବା କ୍ଷେତ୍ରରେ ସେ ନିଜ ଇଚ୍ଛାରେ ଜଣେ ଭାଗୀଦାର ଅଛନ୍ତି,

ତେବେ ସେ ପ୍ରଥମଥର ଦୋଷୀ ସାବ୍ୟସ୍ତ ହେଲେ ସର୍ବାଧିକ ଦୁଇବର୍ଷ ଯାଏଁ ଜେଲ୍ ସହିତ ସର୍ବାଧିକ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହୋଇପାରିବେ ଏବଂ ଦ୍ୱିତୀୟ ଥର ବା ପରବର୍ତ୍ତୀ ଥର ଦୋଷୀ ସାବ୍ୟସ୍ତ ହେଲେ ସର୍ବାଧିକ ପାଞ୍ଚବର୍ଷ ଯାଏଁ ସଶ୍ରମ ଜେଲ୍ ସହିତ ଜୋରମାନାରେ ମଧ୍ୟ ଦଣ୍ଡିତ ହେବେ ।

(୨-ଏ) ଉପଧାରା (୨)ର ଉଦ୍ଦେଶ୍ୟାର୍ଥେ, ଅନ୍ୟଥା ପ୍ରମାଣିତ ନହେବା ପର୍ଯ୍ୟନ୍ତ ଏହା ଧରିନିଆଯିବ ଯେ, ଉକ୍ତ ଉପଧାରା ଅଧୀନସ୍ଥ ଅଣ-ଉପଧାରା (ଏ) ବା ଅଣ-ଉପଧାରା (ବି)ରେ ସୂଚୀତ ହୋଇଥିବା ଜଣେ ବ୍ୟକ୍ତି ଜାଣିଶୁଣି ଗୋଟିଏ ପରିସର ବା ତହିଁର ଏକ ଅଂଶକୁ ବେଶ୍ୟାଳୟ ରୂପେ ବ୍ୟବହାର ହେବାପାଇଁ ପ୍ରଶ୍ରୟ ଦେଉଛି ବା ତାର ଜ୍ଞାତସାରରେ ସେହି ପରିସର ବା ତହିଁର ଏକ ଅଂଶ ବେଶ୍ୟାଳୟ ଭାବରେ ବ୍ୟବହୃତ ହେଉଅଛି, ଯଦି-

(ଏ) ଉକ୍ତ ବ୍ୟକ୍ତି ବାସ କରୁଥିବା ଅଞ୍ଚଳରେ ପ୍ରସାରିତ ହେଉଥିବା ଏକ ସମ୍ବାଦପତ୍ରରେ ରିପୋର୍ଟ ପ୍ରକାଶିତ ହୋଇଥାଏ ଯେ, ଏହି ଆଇନ୍ ବଳରେ ଏକ ତଲାସି ଅଭିଯାନ ଅନୁଷ୍ଠିତ ହେବା ପରେ ସଂପୃକ୍ତ ପରିସର ବା ତହିଁର ଏକ ଅଂଶକୁ ବେଶ୍ୟାବୃତ୍ତି କାର୍ଯ୍ୟ ପାଇଁ ନିୟୋଜିତ କରାଯାଉଛି ବୋଲି ତଥ୍ୟ ଜଣାପଡିଛି; ଅଥବା

(ବି) ଅଣ-ଉପଧାରା (ଏ)ରେ ସୂଚୀତ ହୋଇଥିବା ତଲାସି ଅଭିଯାନ ବେଳେ ଯେଉଁସବୁ ଜିନିଷ ଠାବ କରାଯାଇଛି, ସେସବୁର ଏକ ତାଲିକା ଉକ୍ତ ବ୍ୟକ୍ତିଙ୍କୁ ଧରାଇ ଦିଆଯାଇଛି ।

(୩) ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍‌ରେ ଯାହା ବ୍ୟବସ୍ଥା ଥାଉନା କାହିଁକି, ଉପଧାରା(୨) ଅଧୀନସ୍ଥ ଅଣ-ଉପଧାରା (ଏ) ବା ଅଣ-ଉପଧାରା (ବି)ରେ ସୂଚୀତ ହୋଇଥିବା ଜଣେ ବ୍ୟକ୍ତି ଯେଉଁ ଜାଗା ବା ତହିଁର ଏକ ଅଂଶବିଶେଷ ପାଇଁ ଉକ୍ତ ଉପଧାରା ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିବେ, ତାହାର ଲିଜ୍ ବା ଚୁକ୍ତିନାମା, ଯାହା ବଳରେ କି ଅପରାଧ ଘଟିବା ସମୟରେ ଉକ୍ତ ଜାଗାର ଲିଜ୍ ବା ବ୍ୟବହାର ବା ଭୋଗଦଖଲ କାର୍ଯ୍ୟ କରୁଥିଲା, ଉକ୍ତ ବ୍ୟକ୍ତି ଦୋଷୀସାବ୍ୟସ୍ତ ହେବା ତାରିଖ ଠାରୁ ଅଗ୍ରାହ୍ୟ ଓ ଅସିଦ୍ଧ ହୋଇଯିବ ।

**୪. ବେଶ୍ୟାବୃତ୍ତି-ଜନିତ ଆୟରେ ଜୀବିକା ନିର୍ବାହ କାରଣରୁ ଦଣ୍ଡବିଧାନ:**

(୧) ଅଠର ବର୍ଷରୁ ଉର୍ଦ୍ଧ୍ୱ ଯେ କୌଣସି ବ୍ୟକ୍ତି, ଯିଏ କି ଜାଣିଶୁଣି ଅନ୍ୟଜଣେ ବ୍ୟକ୍ତିର ବେଶ୍ୟାବୃତ୍ତି-ଜନିତ ଆୟରୁ ସଂପୂର୍ଣ୍ଣ ବା ଆଂଶିକ ଭାବେ ନିଜର ଜୀବିକା ନିର୍ବାହ କରୁଥିବ, ସେ ସର୍ବାଧିକ ଦୁଇବର୍ଷ ପର୍ଯ୍ୟନ୍ତ ଜେଲ୍ ବା ସର୍ବାଧିକ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ, ଏବଂ ଯେଉଁ ସ୍ଥଳେ ଉକ୍ତ

ଆୟ ଜଣେ ବାଳୁତ ବା ନାବାଳକର ବେଶ୍ୟାବୃତ୍ତି ସହ ସଂପୃକ୍ତ, ସେପରି ସ୍ଥଳେ ସେହି ବ୍ୟକ୍ତିଙ୍କୁ ଯେଉଁ ଜେଲ୍‌ଦଣ୍ଡ ମିଳିବ ତାହା ସାତବର୍ଷରୁ କମ୍ ଏବଂ ଦଶବର୍ଷରୁ ଅଧିକ ହୋଇନଥିବ ।

(୨) ଯେଉଁସ୍ଥଳେ ଏହା ପ୍ରମାଣିତ ହୋଇଛି ଯେ, ଜଣେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି -

(ଏ) ଏକ ବେଶ୍ୟାସହ ବାସ କରୁଛନ୍ତି ବା ଅଭ୍ୟାସଗତ ଭାବରେ ବେଶ୍ୟା ସଙ୍ଗେ ମିଳାମିଶା କରୁଛନ୍ତି; ବା

(ବି) କୌଣସି ବେଶ୍ୟାର ଚାଳିଚଳନକୁ ଏଭଳି ପ୍ରକାରେ ନିୟନ୍ତ୍ରିତ, ନର୍ଦ୍ଦେଶିତ ବା ପ୍ରଭାବିତ କରୁଛନ୍ତି, ଯାହାକି ସୂଚାଉଛି ଯେ ସେ ଉକ୍ତ ବେଶ୍ୟାଙ୍କୁ ବେଶ୍ୟାବୃତ୍ତି ଚଳାଇ ରଖିବାରେ ସହଯୋଗ ବା ପ୍ରଶ୍ରୟ ଦେଉଛନ୍ତି ବା ତାକୁ ବାଧ କରୁଛନ୍ତି; ବା

(ସି) କୌଣସି ବେଶ୍ୟାର ଦଲାଲ୍ ବା ଭଡୁଆ ଭାବେ କାର୍ଯ୍ୟ କରୁଛନ୍ତି,

ତେବେ ଅନ୍ୟଥା ପ୍ରମାଣିତ ନହେବା ପର୍ଯ୍ୟନ୍ତ ଏହା ଧରିନିଆଯିବ ଯେ, ଉପଧାରା (୧)ର ଭାବାର୍ଥ ଅନୁଯାୟୀ ସେ ଜାଣିଶୁଣି ଅନ୍ୟ ଜଣେ ବ୍ୟକ୍ତିଙ୍କ ବେଶ୍ୟାବୃତ୍ତି-ଜନିତ ଆୟ ଉପରେ ନିର୍ଭର କରି ଜୀବିକା କରୁଛନ୍ତି ।

**୫. ବେଶ୍ୟାବୃତ୍ତି ଉଦ୍ଦେଶ୍ୟରେ ଲୋକଙ୍କୁ ଧରିଆଣିବା, ଜୁଟାଇବା ବା ଚାଲାଣ କରିବା-**

(୧) କୌଣସି ବ୍ୟକ୍ତି, ଯେ କି -

(ଏ) ଅନ୍ୟ ଜଣେ ବ୍ୟକ୍ତିଙ୍କର ଇଚ୍ଛା ଥାଉ ବା ନଥାଉ, ତାଙ୍କୁ ବେଶ୍ୟାବୃତ୍ତି ଉଦ୍ଦେଶ୍ୟରେ ଧରଆଣନ୍ତି ବା ସେ ଦିଗରେ ଚେଷ୍ଟା କରନ୍ତି, ବା

(ବି) ଜଣେ ବ୍ୟକ୍ତିଙ୍କୁ ବେଶ୍ୟାବୃତ୍ତି ଉଦ୍ଦେଶ୍ୟରେ ଯେ କୌଣସି ସ୍ଥାନରୁ ଠାବ କରି ନିଜ ଅକ୍ତିଆରକୁ ଆଣନ୍ତି, ଯାହା ଫଳରେ ଉକ୍ତ ବ୍ୟକ୍ତି ବେଶ୍ୟାଳୟକୁ ଯାତାୟତ କରିବେ ବା ବେଶ୍ୟାଳୟର ଜଣେ ଅନ୍ତେବାସୀ ହେବେ; ବା

(ସି) ବେଶ୍ୟାବୃତ୍ତିରେ ନିୟୋଜନ ପାଇଁ ବା ବେଶ୍ୟାବୃତ୍ତିରେ ନିୟୋଜନ ଉଦ୍ଦେଶ୍ୟରେ ଜଣେ ବ୍ୟକ୍ତିଙ୍କୁ ପ୍ରସ୍ତୁତ କରିବା ପାଇଁ ତାଙ୍କୁ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ନେଇଯିବେ ବା ନେବାକୁ ଚେଷ୍ଟା କରିବେ; ବା

(ଡି) ଜଣେ ବ୍ୟକ୍ତିଙ୍କୁ ବେଶ୍ୟାବୃତ୍ତିରେ ନିୟୋଜିତ କରାନ୍ତି ବା ନିୟୋଜିତ ହେବା ପାଇଁ ଲୋଭ ଦେଖାନ୍ତି,

ତେବେ ସେ ଦୋଷୀ ସାବସ୍ତ୍ୟ ହେବା କାରଣରୁ ଯେଉଁ ଅବଧି ପାଇଁ ସଶ୍ରମ ଜେଲ୍‌ଦଣ୍ଡରେ ଦଣ୍ଡିତ ହେବେ ତାହା ତିନିବର୍ଷରୁ କମ୍ ଏବଂ ସାତବର୍ଷରୁ ଅଧିକ ହେବନାହିଁ ଏବଂ ତତ୍ ସହିତ ସର୍ବାଧିକ ଦୁଇହଜାର ଟଙ୍କାଯାଏ ଜୋରିମାନା ମଧ୍ୟ ଲାଗୁ ହେବ, ଏବଂ ଯଦି ଅପରାଧଟି ସଂପୃକ୍ତ ବ୍ୟକ୍ତିର ଇଚ୍ଛା ବିରୁଦ୍ଧରେ ସଂଘଠିତ ହୋଇଥାଏ, ତେବେ ଉଦ୍ଦିଷ୍ଟ ସାତବର୍ଷର ସଶ୍ରମ ଜେଲଦଣ୍ଡ ସର୍ବାଧିକ ଚଉଦ ବର୍ଷକୁ ବର୍ଦ୍ଧିତ ହୋଇଯାଇପାରେ;

ପରନ୍ତୁ, ଏହି ଉପଧାରା ଅଧୀନସ୍ଥ ଅପରାଧ ଯେଉଁ ବ୍ୟକ୍ତିଙ୍କୁ ନେଇ କରାଯାଇଛି, ସେ ଯଦି –

୧. ଜଣେ ବାଳୁତ ହୋଇଥାନ୍ତି, ତେବେ ଏହି ଉପଧାରା ଅଧୀନରେ ସଶ୍ରମ ଜେଲ୍‌ଦଣ୍ଡର ଅବଧି ସାତବର୍ଷରୁ କମ୍ ହେବନାହିଁ, ବରଂ ଆଜୀବନ ହୋଇଯାଇପାରେ ;

୨.	ଜଣେ ନାବାଳକ ହୋଇଥାନ୍ତି, ତେବେ ଏହି ଉପଧାରା ଅଧୀନରେ ଜେଲ୍‌ଦଣ୍ଡର ଅବଧି ସାତବର୍ଷରୁ କମ୍ ହେବନାହିଁ, ଏବଂ ଚଉଦ ବର୍ଷରୁ ବେଶୀ ହେବନାହିଁ ।

(୨)	x x x x x x x x

(୩)	ଏହି ଧାରା ଅଧୀନରେ ଏକ ଅପରାଧର ମୋକଦ୍ଦମା ନିମ୍ନୋକ୍ତ ସ୍ଥାନରେ ବିଚାର କରାଯିବ-

(ଏ)	ସେହି ସ୍ଥାନ, ଯେଉଁଠାରୁ ଏକ ବ୍ୟକ୍ତିଙ୍କୁ ସଂଗ୍ରହ କରାଯାଇଥାଏ, ବା ପ୍ରଲୋଭନ ଦେଖାଇ ବାହାରକୁ ନିଆଯାଇଥାଏ ବା ସେହି ଦିଗରେ ଚେଷ୍ଟା କରାଯାଇଥାଏ ; ବା

(ବି)	ସେହି ସ୍ଥାନ, ଯେଉଁଠାକୁ ଉକ୍ତ ବ୍ୟକ୍ତି ପ୍ରଲୋଭନରେ ପଡି ଯାଇଥାଇପାରନ୍ତି ବା ଯେଉଁଠାକୁ ନେବା ପାଇଁ ତାଙ୍କୁ ପ୍ରଲୁବ୍ଧ କରାଯିବାର ଉଦ୍ୟମ କରାଯାଇଥିବ ।

**୬.	ବେଶ୍ୟାବୃତ୍ତି ଚାଲୁଥିବା ସ୍ଥାନରେ କୌଣସି ବ୍ୟକ୍ତିଙ୍କୁ ଅଟକାଇବା-**

(୧)	ଯଦି ଜଣେ ବ୍ୟକ୍ତି ଅନ୍ୟଜଣଙ୍କର ଇଚ୍ଛା ଥାଉ ବା ନଥାଉ ତାଙ୍କୁ ନିମ୍ନୋକ୍ତ କୌଣସି ସ୍ଥାନରେ ଅଟକ ରଖନ୍ତି-

(ଏ)	କୌଣସି ଏକ ବେଶ୍ୟାଳୟରେ, ବା

(ବି)	ଅନ୍ୟ କୌଣସି ଏକ ପରିସରରେ,

ଏହି ଉଦ୍ଦେଶ୍ୟରେ ଯେ, ସେହି ବ୍ୟକ୍ତି ଏପରି ଜଣେ ବ୍ୟକ୍ତିଙ୍କ ସହ ଯୌନସଂଭୋଗରେ ଲିପ୍ତ ହୋଇପାରନ୍ତି, ଯେ କି ତାଙ୍କର ଜୀବନସାଥୀ ନୁହଁନ୍ତି, ତେବେ ସେ ଦୋଷୀ ସାବ୍ୟସ୍ତ ହେଲେ ଯେଉଁ ଦଣ୍ଡ ମିଳିବ ତାହା ହେଉଛି, ସାତ ବର୍ଷରୁ କମ୍ ନ ହୋଇନଥିବା ସଶ୍ରମ ବା ଅଶ୍ରମ ଜେଲ୍, ଯାହା କି ଆଜୀବନ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇପାରେ ବା ଯାହାକି ସର୍ବାଧିକ ଦଶବର୍ଷ ଜେଲ୍ ସହିତ ଜୋରିମାନା ହୋଇପାରେ ।

ପରନ୍ତୁ, ଅଦାଲତ ନିଜର ରାୟରେ ପର୍ଯ୍ୟାପ୍ତ ଏବଂ ସ୍ୱତନ୍ତ୍ର କାରଣମାନ ସୂଚୀତ କରି ସାତବର୍ଷରୁ କମ୍ ଅବଧି ପାଇଁ ଜେଲ୍‌ଦଣ୍ଡ ଶୁଣାଇପାରନ୍ତି ।

(୨)	ଯେଉଁସ୍ଥଳେ ଏକ ବେଶ୍ୟାଳୟରେ କୌଣସି ଏକ ବ୍ୟକ୍ତି ଜଣେ ନାବାଳକ ସହ ରହିଥିବାର ଦୃଷ୍ଟିଗୋଚର ହୁଏ, ସେପରି ସ୍ଥଳେ ଅନ୍ୟଥା ପ୍ରମାଣିତ ନହେଲେ, ଏହା ଧରିନିଆଯିବ ଯେ, ସେ ଉପଧାରା(୧) ଅଧୀନରେ ଏକ ଅପରାଧ କରିଛନ୍ତି ।

(୨-ଏ) ଯେଉଁସ୍ଥଳେ ଏକ ବେଶ୍ୟାଳୟରେ ଜଣେ ନାବାଳକ ରହିଥିବାର ଦୃଷ୍ଟିଗୋଚର ହୁଏ, ଏବଂ ତା'ର ଡାକ୍ତରୀ ମାଇନାରୁ ଜଣାପଡେ ଯେ, ତା ପ୍ରତି ଯୌନଗତ ଦୁର୍ବ୍ୟବହାର କରାଯାଇଛି, ତେବେ, ଅନ୍ୟଥା ପ୍ରମାଣିତ ନହେଲେ, ଏହା ଧରି ନିଆଯିବ ଯେ, ଉକ୍ତ ବାଳୁତ ବା ନାବାଳକକୁ ବେଶ୍ୟାବୃତ୍ତି ପାଇଁ ସେଠାରେ ଅଟକ ରଖାଯାଇଛି ବା ଯଥାସ୍ଥିତି ବ୍ୟବସାୟିକ ଉଦ୍ଦେଶ୍ୟରେ ତାକୁ ଯୌନଶୋଷଣ କରାଯାଇଛି ।

(୩)	ଏହା ଧରି ନିଆଯିବ ଯେ, ଜଣେ ବ୍ୟକ୍ତି ଗୋଟିଏ ମହିଳା ବା ବାଳିକାକୁ ବେଶ୍ୟାଳୟରେ ବା ଅନ୍ୟ ଏକ ସ୍ଥାନରେ ଏହି ଉଦ୍ଦେଶ୍ୟରେ ଅଟକ ରଖିଛନ୍ତି ଯେ, ବିଧି-ସ୍ୱୀକୃତ ସ୍ୱାମୀ ଛଡ଼ା ଅନ୍ୟ ଜଣେ ପୁରୁଷ ସହ ତା'ର

ଯୌନସଂଭୋଗ ସଂଘଟିତ ହୋଇପାରେ, ଯଦି ଉକ୍ତ ବ୍ୟକ୍ତି ସେହି ମହିଳା ବା ବାଳିକାକୁ ସେଠାରେ ଅଟକ ରହିବା ପାଇଁ ବାଧ୍ୟ ବା ପ୍ରଲୁବ୍ଧ କରିବା ଉଦ୍ଦେଶ୍ୟରେ-

(ଏ) ସେହି ମହିଳା ବା ବାଳିକାର କୌଣସି ଗହଣାପତ୍ର, ପିନ୍ଧା ବସ୍ତ୍ର, ଟଙ୍କାପଇସା ବା ଅନ୍ୟ କୌଣସି ମୂଲ୍ୟବାନ ସମ୍ପତ୍ତିକୁ ତାହା ଠାରୁ ବିଚ୍ଛିନ୍ନ କରି ରଖେ, ବା

(ବି) ସେହି ମହିଳା ବା ବାଳିକାକୁ ଆଇନ୍‌ଗତ କେଶ୍‌ର ଧମକ ଦେଇ କୁହେ ଯେ, ଯଦି ସେ ବ୍ୟକ୍ତି ଦ୍ୱାରା ବା ବ୍ୟକ୍ତିଙ୍କ ନିର୍ଦ୍ଦେଶ କ୍ରମେ ଧାରସୂତ୍ରରେ ବା ଅନ୍ୟ କୌଣସି ପ୍ରକାରେ ଯୋଗାଇ ଦିଆ ଯାଇଥିବା ଗହଣାପତ୍ର, ପିନ୍ଧାବସ୍ତ୍ର, ଟଙ୍କାପଇସା ବା ଅନ୍ୟ ମୂଲ୍ୟବାନ ସମ୍ପତ୍ତିକୁ ସେ ନିଜ ସହିତ ନେଇ ପଳାଇଯାଏ ।

(୪) ପ୍ରଚଳିତ ଆଇନ୍‌ରେ ଯାହା କିଛି ବିପରୀତ ଧରଣର ବ୍ୟବସ୍ଥା ଥାଉ ନା କାହିଁକି, ଯେଉଁ ବ୍ୟକ୍ତିଙ୍କ ଦ୍ୱାରା ଉକ୍ତ ମହିଳା ବା ବାଳିକା ଅଟକ ଥିବେ, ତାଙ୍କ ତରଫରୁ ସେହି ମହିଳା ବା ବାଳିକାଙ୍କ ବିରୁଦ୍ଧରେ ସେହିସବୁ ଗହଣାପତ୍ର, ପିନ୍ଧାବସ୍ତ୍ର ବା ଅନ୍ୟାନ୍ୟ ମୂଲ୍ୟବାନ ସମ୍ପତ୍ତିର ଫେରସ୍ତ ପାଇଁ କୌଣସି କେଶ୍, ଅଭିଯୋଜନ ବା ଅନ୍ୟ ବୈଧାନିକ କାର୍ଯ୍ୟବିଧି ରଜୁ କରାଯାଇ ପାରିବନି, ଯାହାକି ହୁଏତ୍ ସେହି ମହିଳା ବା ବାଳିକାଙ୍କୁ ବା ତାଙ୍କ ପାଇଁ ଧାରସୂତ୍ରରେ ହସ୍ତାନ୍ତର କରାଯାଇଥିଲା ବା ଯୋଗଇ ଦଆଯାଇଥିଲା ବା ଯାହାକୁ ଫେରସ୍ତ କରିବା ପାଇଁ ସେହି ମହିଳା ବା ବାଳିକା ବଚନବଦ୍ଧ ଥିଲେ ବା ଯେଉଁ ଅର୍ଥରାଶି ସେହି ମହିଳା ବା ବାଳିକା ଫେରସ୍ତ କରିବା କଥା ।

## ୭. ସର୍ବସାଧାରଣ ସ୍ଥାନ ବା ଆଖପାଖରେ ବେଶ୍ୟାବୃତ୍ତି -

(୧) ନିଜେ ବେଶ୍ୟାବୃତ୍ତି କରୁଥିବା ଜଣେ ବ୍ୟକ୍ତି ଏବଂ ଯାହା ସହିତ ସେ ବେଶ୍ୟାବୃତ୍ତି କରୁଥାଏ, ସେହି ବ୍ୟକ୍ତି ଯଦି ନିମ୍ନୋକ୍ତ ପରିସରରେ ବେଶ୍ୟାବୃତ୍ତି କରୁଥାନ୍ତି, ଯାହା କି -

(ଏ) ଉପଧାରା (୩) ଅନୁଯାୟୀ ବିଜ୍ଞାପିତ ହୋଇଥିବା ଗୋଟିଏ ବା ଏକାଧିକ ଅଞ୍ଚଳ ମଧ୍ୟରେ ଅବସ୍ଥିତ, ବା

(ବି) ଏତଦ୍ ଉଦ୍ଦେଶ୍ୟରେ ପୋଲିସ୍ କମିଶନର୍ ବା ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଯଥାବିଧି ବିହିତ ହୋଇଥିବା କୌଣସି ସ୍ଥାନ, ଯଥା ସର୍ବସାଧାରଣ ଉପାସନା ସ୍ଥଳୀ, ଶିକ୍ଷାନୁଷ୍ଠାନ, ଛାତ୍ରାବାସ, ଡାକ୍ତରଖାନା, ନର୍ସିଂହୋମ୍ ବା ଏଭଳି ଅନ୍ୟ କୌଣସି ସର୍ବସାଧାରଣ ସ୍ଥାନର ଦୁଇଶହ ମିଟର୍ ଭିତରେ ଅବସ୍ଥିତ ହୋଇଥିବ,

ତେବେ ଉକ୍ତ ବ୍ୟକ୍ତିଗଣ ସେହି ଅବଧି ପାଇଁ ଜେଲ୍‌ଦଣ୍ଡରେ ଦଣ୍ଡିତ ହେବେ, ଯାହାକି ସର୍ବାଧିକ ତିନିମାସକୁ ବର୍ଦ୍ଧିତ ହୋଇପାରେ ।

(୧-ଏ) ଯେଉଁସ୍ଥଳେ ଉପଧାରା (୧) ଅଧୀନସ୍ଥ ଏକ ଅପରାଧ ଜଣେ ବାଳୁତ ବା ନାବାଳକକୁ ଜଡିତ କରି ଘଟିଥାଏ, ତେବେ ଉକ୍ତ ଅପରାଧକୁ ଘଟାଇଥିବା ବ୍ୟକ୍ତି ସେହି ଅବଧି ପାଇଁ ସଶ୍ରମ ବା ଅଶ୍ରମ ଜେଲ୍‌ଦଣ୍ଡରେ ଦଣ୍ଡିତ ହୋଇପାରନ୍ତି, ଯାହାକି ସାତବର୍ଷରୁ କମ୍ ହୋଇନଥିବ, ଅଥଚ ଆଜୀବନ ହୋଇପାରେ ବା ସର୍ବାଧିକ ଦଶବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇପାରେ ଏବଂ ତତ୍ ସହିତ ତାଙ୍କ ଉପରେ ଜୋରିମାନା ଲାଗୁ ହୋଇପାରେ :

ପରନ୍ତୁ, ଅଦାଲତ ନିଜର ରାୟରେ ପର୍ଯ୍ୟାପ୍ତ ଏବଂ ସ୍ୱତନ୍ତ୍ର କାରଣମାନ ସୂଚୀତ କରି ସାତବର୍ଷରୁ କମ୍ ଅବଧି ପାଇଁ ଜେଲ୍‌ଦଣ୍ଡ ଶୁଣାଇପାରନ୍ତି ।

(୨) କୌଣସି ବ୍ୟକ୍ତି ଯେ କି-

(ଏ) ଏକ ସର୍ବସାଧାରଣ ସ୍ଥାନର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥାଇ ଜାଣିଶୁଣି ଅନ୍ୟମାନଙ୍କୁ ସେଠାରେ ସେମାନଙ୍କର ବ୍ୟବସାୟିକ ସ୍ୱାର୍ଥ ସାଧନପାଇଁ ବେଶ୍ୟାବୃତ୍ତି ଚଳାଇ ରଖିବା ସକଶେ ଏବଂ ଉକ୍ତ ସ୍ଥାନରେ ରହିବା ଅନୁମତି ଦିଅନ୍ତି; ବା

(ବି) ଉପଧାରା (୧)ରେ ସୂଚୀତ ହୋଇଥିବା କୌଣସି ପରିସରର ଭଡାଟିଆ, ଲିଜ୍-ଧାରୀ, ଦଖଲ୍‌ଦାର ବା ଦାୟିତ୍ୱ-ନିର୍ବାହୀ ଜାଣିଶୁଣି ଉକ୍ତ ସ୍ଥାନ ବା ଏହାର କୌଣସି ଅଂଶକୁ ବେଶ୍ୟାବୃତ୍ତି ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଅନୁମତି ଦେଇଥାନ୍ତି; ବା

(ସି) ଉପଧାରା (୧)ରେ ସୂଚୀତ ହୋଇଥିବା କୌଣସି ପରିସରର ମାଲିକ, ଲିଜ୍-ଦାତା ବା ସ୍ୱତ୍ୱାଧିକାରୀ ଥାଇ ବା ଏତାଦୃଶ ମାଲିକ, ଲିଜ୍-ଦାତା ବା ସ୍ୱତ୍ୱାଧିକାରୀଙ୍କର ଏଜେଣ୍ଟ ଥାଇ, ଉକ୍ତ ସ୍ଥାନ ବା ତହିଁର କୌଣସି ଅଂଶକୁ ଭଡା ଦେଇଛନ୍ତି, ଯାହା କି ବେଶ୍ୟାବୃତ୍ତି ପାଇଁ ବ୍ୟବହାର ହେଉଥାଇପାରେ ଅଥବା ସେ ନିଜ ଇଚ୍ଛାରେ ଏପ୍ରକାର କାରବାରରେ ଜଣେ ଭାଗୀଦାର ଅଟନ୍ତି,

ତେବେ ସେ ପ୍ରଥମ ଥର ଦୋଷୀ ସାବସ୍ତ୍ୟ ହେବା କାରଣରୁ ସର୍ବାଧିକ ତିନିମାସ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବା ସର୍ବାଧିକ ଦୁଇଶହ ଟଙ୍କା ପର୍ଯ୍ୟନ୍ତ ଜୋରମାନାରେ ଦଣ୍ଡିତ ହେବେ ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ, ଏବଂ ଦ୍ୱିତୀୟ ବା ପ୍ରତି ପରବର୍ତ୍ତୀ ଥର ପାଇଁ ଦୋଷୀ ସାବ୍ୟସ୍ତ ହେଲେ ସେ ସର୍ବାଧିକ ଛ ମାସ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ତତ୍ ସହିତ ସର୍ବାଧିକ ଦୁଇଶହ ଟଙ୍କା ଜୋରିମାନାରେ ଦଣ୍ଡିତ ହେବେ, ଏବଂ ଯଦି ସଂପୃକ୍ତ ସର୍ବସାଧାରଣ ସ୍ଥାନଟି ଏକ ହୋଟେଲ ହୋଇଥାଏ, ତେବେ ବର୍ତ୍ତମାନ ବଳବତ୍ତର ଥିବା କୌଣସି ଆଇନ୍ ଅଧୀନରେ ନିଜର ବ୍ୟବସାୟ ଚଳାଇବା ପାଇଁ ସେହି ହୋଟେଲ୍‌କୁ ମିଳିଥିବା ଲାଇସେନ୍ସ ମଧ୍ୟ ସସ୍‌ପେଣ୍ଡ କରାଯାଇପାରେ ଏବଂ ଏହି ଲାଇସେନ୍ସ ସେହି ଅବଧି ପାଇଁ ସସ୍‌ପେଣ୍ଡ ହେବ, ଯାହାକି ତିନିମାସରୁ କମ୍ ହୋଇନଥିବ, ଏବଂ ଏକବର୍ଷ ଯାଏଁ ବର୍ଦ୍ଧିତ ହୋଇପାରେ;

ପରନ୍ତୁ, ଏହି ଉପଧାରା ଅଧୀନସ୍ଥ ଅପରାଧଟି ଯଦି ହୋଟେଲ୍ ଭିତରେ ଜଣେ ବାଳୁତ ବା ନାବାଳକକୁ ଜଡିତ କରି ଘଟିଥାଏ, ତେବେ ସେହି ହୋଟେଲ୍‌ର ଲାଇସେନ୍ସ ମଧ୍ୟ ରଦ୍ଦ ହୋଇଯାଇପାରେ ।

**ସ୍ପଷ୍ଟୀକରଣ-** ଏହି ଉପଧାରାର ଉଦ୍ଦେଶ୍ୟାର୍ଥେ, “ହୋଟେଲ୍” ଶବ୍ଦ ସେହି ଅର୍ଥ ବହନ କରିବ, ଯାହାକି ହୋଟେଲ୍-ରିସିପ୍ଟ ଆଇନ୍, ୧୯୮୦ (୧୯୮୦ର ଆଇନ୍ ସଂଖ୍ୟା ୫୪)ର ଧାରା ୨ ଅଧୀନସ୍ଥ ଉପଧାରା (୬)ରେ ନ୍ୟସ୍ତ ହୋଇଛି ।

(୩) ରାଜ୍ୟର କୌଣସି ଅଞ୍ଚଳ ବା ଅଞ୍ଚଳଗୁଡିକୁ କେଉଁ ଧରଣର ଲୋକେ ବହୁଳ ଭାବେ ଯାତାୟତ କରନ୍ତି, ସେଠିକାର ଜନସଂଖ୍ୟାର ଚରିତ୍ର ଓ ଘନତ୍ୱ ତଥା ଅନ୍ୟାନ୍ୟ ପ୍ରାସଙ୍ଗିକ ବିଷୟଗୁଡିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ସରକାରୀ ଗେଜେଟ୍‌ରେ ନିର୍ଦ୍ଦେଶନା ଘୋଷଣା କରିପାରନ୍ତି ଯେ, ନିର୍ଦ୍ଦିଷ୍ଟ ସ୍ଥାନ ବା ସ୍ଥାନମାନଙ୍କରେ ବେଶ୍ୟାବୃତ୍ତି କରାଯାଇ ପାରିବ ନାହିଁ ।

(୪) ଉପଧାରା (୩) ଅନୁଯାୟୀ ଯଦି କୌଣସି ସ୍ଥାନ ବା ସ୍ଥାନଗୁଡ଼ିକ ସମ୍ବନ୍ଧରେ ବିଜ୍ଞପ୍ତି ଜାରି କରାଯାଇଥାଏ, ତେବେ ରାଜ୍ୟ ସରକାର ଉକ୍ତ ବିଜ୍ଞପ୍ତିରେ ସେହି ସ୍ଥାନ ବା ସ୍ଥାନଗୁଡ଼ିକର ପରିସୀମାକୁ ଯଥୋଚିତ ସୁନିର୍ଦ୍ଦିଷ୍ଟତା ସହକାରେ ଚିହ୍ନଟ କରିଥିବେ।

(୫) ଗୋଟିଏ ବିଜ୍ଞପ୍ତି ଜାରିହେବାର ନବେଦିନ ପର୍ଯ୍ୟନ୍ତ ଗୋଟିଏ ବିଜ୍ଞପ୍ତି ବଳବତ୍ତର ରହିବ, ଏବଂ ଏହି କାର୍ଯ୍ୟକାଳ ପୂରିବା ପୂର୍ବରୁ ପ୍ରଭାବ ବହନ କରୁଥିବା ଆଉ କୌଣସି ବିଜ୍ଞପ୍ତି ଜାରି ହେବ ନାହିଁ।

**୮. ବେଶ୍ୟାବୃତ୍ତି ପାଇଁ ପ୍ରଲୁବ୍ଧ ଏବଂ ଆକୃଷ୍ଟ କରିବା-**

କୌଣସି ସର୍ବସାଧାରଣ ସ୍ଥାନରେ ବା କୌଣସି ସର୍ବସାଧାରଣ ସ୍ଥାନରୁ ଦୃଶ୍ୟମାନ ହେଉଥିବା ଏକ ସ୍ଥାନରେ କୌଣସି କୋଠାଘର ବା ବାସଘରର ଭିତରୁ ବା ବାହାରୁ ଦେଖା ଯାଉଥିବା ବା ଶୁଣି ହେଉଥିବା ଭଳି ଭଙ୍ଗୀରେ ଯଦି ଜଣେ ବ୍ୟକ୍ତି-

(ଏ) ନିଜର କଥାବର୍ତ୍ତା, ଅଙ୍ଗଭଙ୍ଗୀ, ନିଜ ଶରୀରାଙ୍ଗର ଇଚ୍ଛାକୃତ ପ୍ରଦର୍ଶନ (କୋଠାଘର ବା ବାସଘରର ଝରକା ପାଖରେ ବା ବାଲ୍‌କୋନୀରେ ବସି ବା ଅନ୍ୟ କୌଣସି ପ୍ରକାରେ) ଅଥବା ଅନ୍ୟ କୌଣସି ଉପାୟରେ ବେଶ୍ୟାବୃତ୍ତି ଉଦ୍ଦେଶ୍ୟରେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ପ୍ରଲୁବ୍ଧ କରିବା ବା ଆକର୍ଷଣ କରିବା ବା ସେ ଦିଗରେ ଉଦ୍ୟମ କରନ୍ତି ; ବା

(ବି) ବେଶ୍ୟାବୃତ୍ତି ଉଦ୍ଦେଶ୍ୟରେ ଏପରି ଆମନ୍ତ୍ରଣ ବା ଦେହସ୍ପର୍ଶ କରନ୍ତି ବା ଏପରି ବୁଲାଚଲା ଓ କାରବାର କରନ୍ତି, ଯାହା ଫଳରେ ଉକ୍ତ ସର୍ବସାଧାରଣ ସ୍ଥାନ ନିକଟରେ ବାସ କରୁଥିବା ବା ସେହି ବାଟ ଦେଇ ଯାତାୟତ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ତାହା ବାଧକ ଏବଂ ବିରକ୍ତିର କାରଣ ହୋଇଥାଏ ବା ତାହା ସର୍ବସାଧାରଣ ଶାଳୀନତାର ଉଲ୍ଲଂଘନ ଘଟାଇଥାଏ,

ତେବେ ସେ ପ୍ରଥମ ଥର ଦୋଷୀ ସାବସ୍ତ୍ୟ ହେବା କାରଣରୁ ସର୍ବାଧିକ ଛ ମାସ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବା ସର୍ବାଧିକ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଜୋରମାନାରେ ଦଣ୍ଡିତ ହେବେ ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ, ଏବଂ ଦ୍ୱିତୀୟ ବା ପ୍ରତି ପରବର୍ତ୍ତୀ ଥର ପାଇଁ ଦୋଷୀ ସାବ୍ୟସ୍ତ ହେଲେ ସେ ସର୍ବାଧିକ ଏକ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ତତ୍ ସହିତ ସର୍ବାଧିକ ପାଞ୍ଚଶହ ଟଙ୍କା ଜୋରିମାନାରେ ଦଣ୍ଡିତ ହେବେ ;

ପରନ୍ତୁ, ଏହି ଧାରା ଅଧୀନରେ ଅପରାଧ ଯଦି ଜଣେ ପୁରୁଷ ଦ୍ୱାରା ଘଟିଥାଏ, ତେବେ ସେ ଯେଉଁ ଜେଲ୍‌ଦଣ୍ଡରେ ଦଣ୍ଡିତ ହେବେ, ତାହାର ଅବଧି ସାତଦିନରୁ କମ୍ ହେବନାହିଁ, ଏବଂ ତାହା ତିନିମାସ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇପାରେ।

**୯. ହେପାଜତରେ ଥିବା ବ୍ୟକ୍ତିଙ୍କୁ ପ୍ରଲୁବ୍ଧ କରିବା-**

ଯଦି ଜଣେ ବ୍ୟକ୍ତି ତାଙ୍କ ହେପାଜତ, ଦାୟିତ୍ୱ ବା ଯତ୍ନ ଅଧୀନରେ ଥିବା ଅନ୍ୟ ଜଣେ ବ୍ୟକ୍ତଙ୍କୁ ବା ସେ ନିଜେ ଜଣେ କର୍ତ୍ତୃତ୍ୱ-ପ୍ରାପ୍ତ ବ୍ୟକ୍ତି ହୋଇ ତାଙ୍କର କର୍ତ୍ତୃତ୍ୱ ଅଧୀନରେ ଥିବା ବ୍ୟକ୍ତିଙ୍କୁ ବେଶ୍ୟାଗିରି କରିବା ପାଇଁ ପ୍ରଲୁବ୍ଧ କରନ୍ତି ବା ପ୍ରଲୁବ୍ଧ କରିବାରେ ସହଯୋଗ କରନ୍ତି ବା ପ୍ରରୋଚିତ କରନ୍ତି, ତେବେ ସେ ଦୋଷୀ ସାବ୍ୟସ୍ତ ହେବା କାରଣରୁ ଯେଉଁ ଅବଧି ପାଇଁ ସଶ୍ରମ ବା ଅଶ୍ରମ ଜେଲ୍‌ଦଣ୍ଡରେ ଦଣ୍ଡିତ ହେବେ ତାହା ସାତବର୍ଷରୁ କମ୍ ହେବନି ବରଂ ଆଜୀବନ ହୋଇପାରେ ଅଥବା ସେ ସର୍ବାଧିକ ଦଶବର୍ଷ ଯାଏଁ ଜେଲ୍‌ଦଣ୍ଡ ସହିତ ଜୋରିମାନାରେ ଦଣ୍ଡିତ ହେବେ:

ପରନ୍ତୁ, ଅଦାଲତ ନିଜର ରାୟରେ ପର୍ଯ୍ୟାପ୍ତ ଏବଂ ସ୍ୱତନ୍ତ୍ର କାରଣମାନ ସୂଚୀତ କରି ଏପରି ଏକ ଅବଧି ପାଇଁ ଜେଲ୍‌ଦଣ୍ଡ ଲାଗୁ କରିପାରନ୍ତି, ଯାହାକି ସାତବର୍ଷରୁ କମ୍ ହେବନାହିଁ।

## ୧୦. ପରଖକାଳରେ ଉତ୍ତମ ବ୍ୟବହାର ପାଇଁ ବା ଯଥୋଚିତ ଭର୍ତ୍ସନା ପରେ ଖଲାସ-

୧୦-ଏ. ସଂସ୍କାର ଗୃହରେ ଅଟକ-

(୧) ଯେଉଁସ୍ଥଳେ-

(ଏ) ଜଣେ ମହିଳା ଅପରାଧୀ ଧାରା-୭ ବା ଧାରା-୮ ଅଧୀନରେ ଦୋଷୀ ବୋଲି ଚିହ୍ନିତ ହୋଇଛନ୍ତି, ଏବଂ

(ବି) ଅପରାଧୀଙ୍କର ଚରିତ୍ର, ସ୍ୱାସ୍ଥ୍ୟ ଅବସ୍ଥା, ମାନସିକ ସ୍ଥିତି ଏବଂ କେଶ୍‌ର ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥା ଏଭଳି ପ୍ରତୀୟମାନ ହେଉଛି ଯେ, ତାଙ୍କୁ (ମହିଳା ଅପରାଧୀଙ୍କୁ) ସୁଧାରିବା ପାଇଁ ଯେଉଁ ଅବଧି ସକାଶେ ଅଟକ ରଖିବା ଦରକାର, ଏବଂ ଯେଉଁ ଧରଣର ପ୍ରଶିକ୍ଷଣ ଏବଂ ଶୃଙ୍ଖଳାଜ୍ଞାନ ତାଙ୍କ ପାଇଁ ଦରକାର, ତାହା ଜରୁରୀ ହୋଇପଡିଛି,

ତେବେ ଜେଲ୍‌ଦଣ୍ଡ ପରିବର୍ତ୍ତେ ଅଦାଲତ ଉପଯୁକ୍ତ ମନେ କରୁଥିବା ଦୁଇବର୍ଷରୁ ଉର୍ଦ୍ଧ୍ୱ ଅଥଚ ପାଞ୍ଚ ବର୍ଷରୁ କମ୍ ସମୟ ଅବଧି ପାଇଁ ତାଙ୍କୁ ଏକ ସଂସ୍କାର ଗୃହରେ ଅଟକ ରଖିବା ସକାଶେ ଅଦାଲତ ଆଇନତଃ ଆଦେଶ ଜାରି କରିପାରିବେ ।

ପରନ୍ତୁ, ଏଭଳି ଏକ ଆଦେଶ ଜାରି କରିବା ପୂର୍ବରୁ -

(୧) ଅଦାଲତ ଅପରାଧୀଙ୍କୁ ତାଙ୍କର ବୟାନ ପେଶ୍ ପାଇଁ ଏକ ସୁଯୋଗ ଦେଇଥିବେ ଏବଂ ଏହାଛଡା ଏଭଳି ଏକ ସଂସ୍କାର ଗୃହରେ ତାଙ୍କର ସଂଶୋଧନ ଘଟାଇବାର ଯଥାର୍ଥତା ସମ୍ବନ୍ଧରେ ଯଦି ଅପରାଧୀ କୌଣସି ଫେରାଦ କରିଥାନ୍ତି, ତଥା ତାହା ସହିତ ଅପରାଧୀମାନଙ୍କର ପରଖକାଳ ଆଇନ୍ ୧୯୫୮(୧୯୫୮ର ଆଇନ୍ ସଂଖ୍ୟା ୨୦) ଅଧୀନରେ ନିୟୋଜିତ ଥିବା ପରଖକାଳ ଅଧିକାରୀଙ୍କ ବିବରଣୀକୁ ମଧ୍ୟ ବିଚାର କରିଥିବେ; ଏବଂ

(୨) ଅଦାଲତ ଏହା ନଥିଭୁକ୍ତ କରିବେ ଯେ, ଅଦାଲତ ଅପରାଧୀଙ୍କର ଚରିତ୍ର, ସ୍ୱାସ୍ଥ୍ୟାବସ୍ଥା ଏବଂ ମାନସିକ ସ୍ଥିତି ସଂପର୍କରେ ସନ୍ତୁଷ୍ଟ ଅଛନ୍ତି ଏବଂ କେଶ୍‌ର ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥା ଏଭଳି ପ୍ରତୀୟମାନ ହେଉଛି ଯେ, ଅପରାଧୀ ଉପରୋକ୍ତ ଧରଣର ପ୍ରଶିକ୍ଷଣ ଓ ଶୃଙ୍ଖଳାଜ୍ଞାନ ଦ୍ୱାରା ଉପକୃତ ହୋଇପାରିବେ ।

(୨) ଉପଧାରା (୩)ର ବ୍ୟବସ୍ଥାଗୁଡିକ ଅଧୀନରେ ରହି, ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨)ର ଅନ୍ତର୍ଗତ ଅପିଲ୍, ପ୍ରସଙ୍ଗ-ସୂଚନା (ରେଫ୍‌ରେନ୍ସ) ବା ପୁନର୍ବିଚାର ସମ୍ବନ୍ଧୀତ ବ୍ୟବସ୍ଥାମାନ ତଥା ଅପିଲ୍ ଦାଏର୍ କରିବାର ସମୟସୀମା ସମ୍ବନ୍ଧରେ ସୀମାବନ୍ଧନ (ଲିମିଟେସନ୍) ଆଇନ୍ ୧୯୬୩ (୧୯୬୩ର ଆଇନ୍ ସଂଖ୍ୟା ୩୬)ରେ ଥିବା ବ୍ୟବସ୍ଥାମାନ ଉପଧାରା(୧) ଅନୁଯାୟୀ ଜାରି ହୋଇଥିବା ଅଟକ ଆଦେଶ କ୍ଷେତ୍ରରେ ପ୍ରଯୁଜ୍ୟ ରହିବ, ସତେ ଯେପରି ସେହି ଅବଧି ପାଇଁ ଜେଲ୍‌ଦଣ୍ଡର ଆଦେଶ ଦିଆଯାଇଥିଲା, ଯେଉଁଥି ପାଇଁ କି ଅଟକର ଆଦେଶ ମଧ୍ୟ ଉଦ୍ଦିଷ୍ଟ ଥିଲା ।

(୩) ସଂପୃକ୍ତ ଉଦ୍ଦେଶ୍ୟର ଅନୁପାଳନାର୍ଥେ ଯେଉଁ ନିୟମାବଳୀ ପ୍ରଣୀତ ହୋଇଥିବ, ତାହା ଅଧୀନରେ ରହି ରାଜ୍ୟ ସରକାର ବା ତଦୁଦ୍ଦେଶ୍ୟରେ କ୍ଷମତାପ୍ରାପ୍ତ ହୋଇଥିବା କର୍ତ୍ତୃପକ୍ଷ, ସଂସ୍କାର ଗୃହରେ ଅଟକ ପାଇଁ ଜାରି ହୋଇଥିବା ଆଦେଶ ତାରିଖର ଛ ମାସ ପୂରିବା ପରେ, ଯଦି ସନ୍ତୁଷ୍ଟ ହୁଅନ୍ତି ଯେ, ଅପରାଧୀ ଜଣକ ଏକ ଫଳପ୍ରଦ ଏବଂ କର୍ମଠ ଜୀବନ ବିତାଇବେ ବୋଲି ଏକ ଯଥାର୍ଥ ସମ୍ଭାବନା ବିଦ୍ୟମାନ ଅଛି, ତେବେ ସେ ବିନା

ସର୍ତ୍ତରେ ବା ଯଥାର୍ଥ ମନେ ହେଉଥିବା ସର୍ତ୍ତାବଳୀ ସହ ଉକ୍ତ ମହିଳାଙ୍କୁ ଉପରୋକ୍ତ ସଂସ୍କାର ଗୃହରୁ ମୁକୁଳାଇବେ ତଥା ତାଙ୍କୁ ଏପରି ଏକ ରୀତିରେ ଏକ ଲିଖିତ ଲାଇସେନ୍ସ ମଞ୍ଜୁର କରିବେ, ଯାହାକି ବିହତ ହୋଇପାରେ ।

(୪) ଯେଉଁସବୁ ସର୍ତ୍ତାବଳୀ ଅଧୀନରେ ଉପଧାରା(୩) ମତେ ଅପରାଧୀ ଜଣକୁ ମୁକୁଳା ଯାଇଥିବ, ସେଗୁଡିକ ଭିତରେ ଅପରାଧୀର ବାସସ୍ଥାନ ତଥା ଅପରାଧୀର କାର୍ଯ୍ୟକଳାପ ଓ ଯାତାୟତ ସମ୍ପର୍କୀତ ସର୍ତ୍ତାବଳୀ ସ୍ଥାନିତ ହୋଇ ଥାଇପାରେ ।

**୧୧. ପୂର୍ବରୁ ଅଭିଯୁକ୍ତ ହୋଇଥିବା ଅପରାଧୀମାନଙ୍କ ଠିକଣାକୁ ବିଜ୍ଞପ୍ତି କରିବା-**

(୧) ଯେଉଁସ୍ଥଳେ କୌଣସି ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୋଇଥିବେ -

(ଏ) ଭାରତର ଏକ ଅଦାଲତ ଦ୍ୱାରା ଏହି ଆଇନ୍ ଅଧୀନରେ ବା ଭାରତୀୟ ଦଣ୍ଡବିଧି ସଂହିତା (୧୮୬୦ର ଆଇନ୍ ସଂଖ୍ୟା ୪୫)ର ଦଫା ୩୬୩, ଦଫା ୩୬୫, ଦଫା ୩୬୬, ଦଫା ୩୬୬-ଏ, ଦଫା ୩୬୬-ବି, ଦଫା ୩୬୭, ଦଫା ୩୬୮, ଦଫା ୩୭୦, ଦଫା ୩୭୧, ଦଫା ୩୭୨ ବା ଦଫା ୩୭୩ ବଳରେ, ଯାହାକି ଦୁଇବର୍ଷ ବା ତଦୁର୍ଦ୍ଧ୍ୱ ଅବଧି ପାଇଁ ଦଣ୍ଡନୀୟ; ବା

(ବି) ଅନ୍ୟ କୌଣସି ଦେଶର ଅଦାଲତ ବା ଟ୍ରିବ୍ୟୁନାଲ୍ ଦ୍ୱାରା ଏଭଳି ଏକ ଅପରାଧ ପାଇଁ, ଯାହା କି ଭାରତରେ ସଂଘଟିତ ହୋଇଥିଲେ, ଏହି ଆଇନ୍ ବଳରେ ବା ଉଲ୍ଲିଖିତ କୌଣସି ଦଫା ବଳରେ ଆଜୀବନ ଜେଲ୍‌ଦଣ୍ଡରେ ଦଣ୍ଡନୀୟ ହୋଇଥାନ୍ତା,

ସେ ଯଦି ଜେଲ୍‌ରୁ ଖଲାସ୍ ହେବାର ପାଞ୍ଚବର୍ଷ ଭିତରେ ଆଉଥରେ କୌଣସି ଅଦାଲତ ଦ୍ୱାରା ଏହି ଆଇନ୍ ବଳରେ ବା ଉଲ୍ଲିଖିତ ଅନ୍ୟ କୌଣସି ଦଫା ବଳରେ ଦୁଇବର୍ଷ ବା ତଦୁର୍ଦ୍ଧ୍ୱ କାଳ ପାଇଁ ଜେଲ୍‌ଦଣ୍ଡରେ ଦୋଷୀ ସାବ୍ୟସ୍ତ୍ୟ ହୁଅନ୍ତି, ତେବେ ସେହି ଅଦାଲତ ନିଜେ ଉଚିତ୍ ମନେ କଲେ ଉକ୍ତ ବ୍ୟକ୍ତିଙ୍କ ଉପରେ ଜେଲ୍‌ଦଣ୍ଡର ଆଦେଶ ଜାରି କଲାବେଳେ ତତ୍ ସହିତ ଏହି ଆଦେଶ ମଧ ଦେଇପାରିବେ ଯେ, ଜେଲ୍‌ରୁ ମୁକୁଳିବା ପରେ ସେହି ବ୍ୟକ୍ତିର ବାସସ୍ଥାନ, ବା ବାସସ୍ଥାନରେ ପରିବର୍ତ୍ତନ ବା ଉକ୍ତ ବାସସ୍ଥାନରୁ ଅନୁପସ୍ଥିତ ରହିବା ସମ୍ବନ୍ଧରେ ଧାରା ୨୩ ଅଧୀନରେ ପ୍ରସ୍ତୁତ ନିୟମାବଳୀ ଅନୁଯାୟୀ ବିଜ୍ଞପ୍ତି କରାଯିବ, ଏବଂ ଏହି ବିଜ୍ଞପ୍ତି ସେହି ଅବଧି ପାଇଁ କରାଯିବ, ଯାହାକି ଦଣ୍ଡାଦେଶ ପୂରିବାର ତାରିଖ ଠାରୁ ପାଞ୍ଚବର୍ଷରୁ ଅଧିକ ହେବ ନାହିଁ ।

(୨) ଯଦି ଅପିଲ୍ ଫଳରେ ବା ଅନ୍ୟଥା ଏପରି ଦୋଷସିଦ୍ଧିକୁ ଖାରଜ କରିଦିଆଯାଏ, ତେବେ ଉକ୍ତ ଆଦେଶ ଅସିଦ୍ଧ ହୋଇଯିବ ।

(୩) ଗୋଟିଏ ଅପିଲ୍ ଅଦାଲତ ବା ହାଇକୋର୍ଟ ନିଜର କ୍ଷମତା ବା ପୁନର୍ବିଚାର ପାଇଁ କ୍ଷମତାର ପ୍ରୟୋଗ ବଳରେ ଏହି ଧାରା ଅଧୀନରେ ଏକ ଆଦେଶ ଦେଇପାରିବେ ।

(୪) ଉପଧାରା (୧)ରେ ସୂଚୀତ ହୋଇଥିବା କୌଣସି ନିୟମାବଳୀର ଉଲ୍ଲଂଘନ କରିବା କାରଣରୁ ଅଭିଯୁକ୍ତ ହୋଇଥିବା ଜଣେ ବ୍ୟକ୍ତିର କେଶ୍ ଏପରି ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ବିଚାର କରାଯିବ, ଯେ କି ଅଭିଯୁକ୍ତଙ୍କ ବାସସ୍ଥାନ ଯେଉଁ ଜିଲ୍ଲାର ଅନ୍ତର୍ଗତ ବୋଲି ସର୍ବଶେଷ ଥର ପାଇଁ ବିଜ୍ଞାପିତ ହୋଇଥିବ, ସେହି ଜିଲ୍ଲା ପାଇଁ କ୍ଷମତା ସମ୍ପନ୍ନ ହୋଇଥିବେ ।

**୧୨. ଅଭ୍ୟାସଗତ ଅପରାଧୀମାନଙ୍କ ଠାରୁ ଉତ୍ତମ ବ୍ୟବହାର ପାଇଁ ପ୍ରତିଭୂ ସଂଗ୍ରହ** x x x x x x x

**୧୩. ସ୍ୱତନ୍ତ୍ର ପୋଲିସ୍ ଅଧିକାରୀ ଓ ଉପଦେଷ୍ଟା ଗୋଷ୍ଠୀ -**

(୧) ଏହି ଆଇନ୍ ଅଧୀନସ୍ଥ ଅପରାଧଗୁଡିକୁ ଦୃଷ୍ଟିଦେବା ପାଇଁ ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ହୋଇଥିବା ବିଭିନ୍ନ ଅଞ୍ଚଳରେ ରାଜ୍ୟ ସରକାରଙ୍କ ଦ୍ୱାରା ବା ରାଜ୍ୟ ସରକାରଙ୍କ ତରଫରୁ ପ୍ରତି ଅଞ୍ଚଳ ଜଣେ ଲେଖାଁ ସ୍ୱତନ୍ତ୍ର ପୋଲିସ୍ ଅଧିକାରୀ ନିଯୁକ୍ତି ହେବ ।

(୨) ପାହ୍ୟା ଦୃଷ୍ଟିରୁ ସ୍ୱତନ୍ତ୍ର ପୋଲିସ୍ ଅଧିକାରୀ ଜଣେ ପୋଲିସ୍ ଇନସ୍ପେକ୍ଟରଙ୍କ ଠାରୁ ଅଧସ୍ତନ ହୋଇ ନଥିବେ ।

(୨-ଏ) ଜିଲ୍ଲା ମାଜିଷ୍ଟ୍ରେଟ୍ ଯଦି ଦରକାର ମନେ କରନ୍ତି ବା ଏପରି ଏକ ପଦକ୍ଷେପ ନେବାକୁ ଜରୁରୀ ମନେ କରନ୍ତି, ତେବେ ସେ କେତୋଟି ବା କେତୋଟି ଶ୍ରେଣୀର ମାମଲା ବା ସମସ୍ତ ମାମଲା କ୍ଷେତ୍ରରେ ଯେ କୌଣସି ସେବାନିବୃତ୍ତ ପୋଲିସ୍ ବା ସାମରିକ ଅଧିକାରୀଙ୍କୁ ସେହିସବୁ କ୍ଷମତା ନ୍ୟସ୍ତ କରିପାରନ୍ତି, ଯାହା ଏହି ଆଇନ୍ ଅଧୀନରେ ବିଶେଷ ପୋଲିସ୍ ଅଧିକାରୀ ଉପରେ ନ୍ୟସ୍ତ ହୋଇଛି ।

ପରନ୍ତୁ, ଏତାଦୃଶ କୌଣସି କ୍ଷମତା ନିମ୍ନୋକ୍ତ ବ୍ୟକ୍ତିଙ୍କୁ ନ୍ୟସ୍ତ କରାଯିବ ନାହିଁ-

(ଏ) ଜଣେ ସେବାନିବୃତ୍ତ ପୋଲିସ୍ ଅଧିକାରୀ, ଯେ କି ସେବାନିବୃତ୍ତ ହେବା ବେଳେ ଯେଉଁ ପଦବୀରେ ଥିଲେ, ତାହା ଇନସ୍ପେକ୍ଟର ପାହ୍ୟାରୁ ନିମ୍ନରେ ନଥିବ ।

(ବି) ଜଣେ ସେବାନିବୃତ୍ତ ସାମରିକ ଅଧିକାରୀ, ଯେ କି ସେବାନିବୃତ୍ତ ହେବା ବେଳେ ଯେଉଁ ପଦବୀରେ ଥିଲେ, ତାହା ଜଣେ କମିଶନ୍ଡ୍ ଅଫିସର୍ ପାହ୍ୟାରୁ ନିମ୍ନରେ ନଥିବ ।

(୩) ଏହି ଆଇନ୍ ଅନ୍ତର୍ଗତ ଅପରାଧଗୁଡିକ ପରିପ୍ରେକ୍ଷୀରେ ନିଜର ଦାୟିତ୍ୱାବଳୀର ସୁସଂପାଦନା ନିମନ୍ତେ-

(ଏ) ଗୋଟିଏ ଅଞ୍ଚଳର ସ୍ୱତନ୍ତ୍ର ପୋଲିସ୍ ଅଧିକାରୀଙ୍କୁ ସହାୟତା କରିବେ ସେତିକି ସଂଖ୍ୟକ ଅଧସ୍ତନ ପୋଲିସ୍ ଅଧିକାରୀ (ଯେଉଁସ୍ଥଳେ ସମ୍ଭବ, ମହିଳା ପୋଲିସ୍ ଅଧିକାରୀମାନଙ୍କ ସମେତ), ଯାହାକି ରାଜ୍ୟ ସରକାରଙ୍କ ବିଚାରରେ ଯଥୋଚିତ;

(ବି) ରାଜ୍ୟ ସରକାର ଉକ୍ତ ସ୍ୱତନ୍ତ୍ର ପୋଲିସ୍ ଅଧିକାରୀଙ୍କ ସହିତ ସଂପୃକ୍ତ ଅଞ୍ଚଳର ସର୍ବାଧିକ ପାଞ୍ଚଜଣ ପର୍ଯ୍ୟନ୍ତ ପ୍ରମୁଖ ସମାଜ-ମଙ୍ଗଳ କର୍ମୀଙ୍କୁ ନେଇ ଗଠିତ (ଯେଉଁସ୍ଥଳେ ସମ୍ଭବ, ମହିଳା ସମାଜମଙ୍ଗଳ କର୍ମୀଙ୍କ ସମେତ) ଏକ ବେସରକାରୀ ପରାମର୍ଶଦାତା ଗୋଷ୍ଠୀଙ୍କୁ ସଂଶ୍ଲିଷ୍ଟ କରିପାରନ୍ତି, ଯେ କି ଏହି ଆଇନ୍‌ର କାର୍ଯ୍ୟକାରିତା ପ୍ରକ୍ରିୟାରେ ଉତ୍ଥାପିତ ସର୍ବସାଧାରଣ ଗୁରୁତ୍ୱ ଥିବା ପ୍ରଶ୍ନଗୁଡିକ ଉପରେ ତାଙ୍କୁ ପରାମର୍ଶ ପ୍ରଦାନ କରିବେ ।

(୪) ଏହି ଆଇନ୍ ଅଧୀନରେ ବା ବ୍ୟକ୍ତିମାନଙ୍କ ଉପରେ ଯୌନ ଶୋଷଣର ସମ୍ମୁଖୀନ ହେବା ପାଇଁ ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ଅଧୀନରେ ଏକାଧିକ ରାଜ୍ୟରେ ଘଟୁଥିବା ଅପରାଧଗୁଡିକର ତଦନ୍ତ ପାଇଁ କେନ୍ଦ୍ର ସରକାର କେତେକ ପୋଲିସ୍ ଅଧିକାରୀଙ୍କୁ ଚାଲାଣ ଅଧିକାରୀ ଭାବେ ନିଯୁକ୍ତ କରିପାରନ୍ତି, ଏବଂ ସେମାନେ ସେହିସବୁ କ୍ଷମତା ପ୍ରୟୋଗ କରିବେ ଓ ସେହିସବୁ କାର୍ଯ୍ୟାବଳୀ ସମ୍ପାଦନା କରିବେ, ଯାହାକି ଏହି ଆଇନ୍ ଅଧୀନରେ ସ୍ୱତନ୍ତ୍ର ପୋଲିସ୍ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିଛି, କେବଳ ଏତିକି ଫରକ୍ ରହିବ ଯେ, ସେମାନଙ୍କର କ୍ଷମତା ଓ କାର୍ଯ୍ୟାବଳୀ ସାରା ଭାରତ ପାଇଁ ଉଦ୍ଦିଷ୍ଟ ହେବ ।

**୧୪. କେଉଁସବୁ ଅପରାଧ ଧର୍ତ୍ତବ୍ୟ ବିବେଚିତ ହେବ:-**

ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨)ରେ ଯାହାକିଛି ବ୍ୟବସ୍ଥା ଥାଉନା କାହିଁକି, ଏହି ଆଇନ୍ ମୁତାବକ ଯେ କୌଣସି ଦଣ୍ଡନୀୟ ଅପରାଧକୁ ଉକ୍ତ ସଂହିତାର ବ୍ୟାଖ୍ୟାର୍ଥ ଅନୁଯାୟୀ ଧର୍ତ୍ତବ୍ୟ ବୋଲି ବିବେଚନା କରାଯିବ :

ପରନ୍ତୁ, ଉକ୍ତ ସଂହିତାରେ ଯାହା କିଛି ବ୍ୟବସ୍ଥା ଥାଉନା କାହିଁକି-

୧. କେବଳ ସ୍ୱତନ୍ତ୍ର ପୋଲିସ୍ ଅଫିସର୍‌ଙ୍କ ଦ୍ୱାରା ବା ତାଙ୍କ ନିର୍ଦ୍ଦେଶନା ବା ମାର୍ଗଦର୍ଶନ ବା ତାଙ୍କର ପୂର୍ବାନୁମତି ବଳରେ ବିନା ପରୱାନାରେ (ୱାରେଣ୍ଟ) ଗିରଫଦାରୀ କରାଯାଇପାରିବ ;

୨. ଯଦି ସ୍ୱତନ୍ତ୍ର ପୋଲିସ୍ ଅଧିକାରୀ ବିନା ପରୱାନାରେ ଏବଂ ତାଙ୍କର ବିନା ଉପସ୍ଥିତିରେ ଏହି ଆଇନ୍ ଅଧୀନରେ ଜଣେ ବ୍ୟକ୍ତିଙ୍କୁ ତାଙ୍କର ଜଣେ ଅଧସ୍ତନ ଅଧିକାରୀଙ୍କ ଦ୍ୱାରା ଗିରଫ କରାଇବାକୁ ଚାହାଁନ୍ତି, ତେବେ ସେ ସଂପୃକ୍ତ ଅଧସ୍ତନ ଅଧିକାରୀଙ୍କୁ ଗିରଫ ହେବାକୁ ଥିବା ବ୍ୟକ୍ତି ତଥା କେଉଁ ଅପରାଧ ପାଇଁ ତାଙ୍କୁ ଗିରଫ କରାଯିବ, ସେ ବିଷୟ ବିନିର୍ଦ୍ଦିଷ୍ଟ କରି ଏକ ଲିଖିତ ଆଦେଶ ପ୍ରଦାନ କରିବେ ; ଏବଂ ଉକ୍ତ ଅଧସ୍ତନ ଅଧିକାରୀ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ପୂର୍ବରୁ ଏହି ଆଦେଶର ସାରମର୍ମ ଜଣାଇବେ ତଥା ଯଦି ସେ ବ୍ୟକ୍ତି ଚାହାଁନ୍ତି, ତେବେ ତାଙ୍କୁ ଉକ୍ତ ଆଦେଶକୁ ଦେଖାଇବେ ;

୩. ସ୍ୱତନ୍ତ୍ର ପୋଲିସ୍ ଅଧିକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ କର୍ତ୍ତୃତ୍ୱପ୍ରାପ୍ତ ହୋଇଥିବା ଜଣେ ପୋଲିସ୍ ଅଧିକାରୀ, ଯାହାଙ୍କର ପାହ୍ୟା ସବ୍‌ଇନ୍‌ସ୍ପେକ୍ଟର୍‌ଙ୍କ ଠାରୁ କମ୍ ହୋଇନଥିବ, ସେ ଯଦି କୌଣସି କାରଣରୁ ହୃଦ୍‌ବୋଧ କରନ୍ତି ଯେ, ସ୍ୱତନ୍ତ୍ର ପୋଲିସ୍ ଅଧିକାରୀଙ୍କ ଠାରୁ ଆଦେଶପତ୍ର ମିଳିବାରେ ସମ୍ଭାବ୍ୟ ବିଳମ୍ବ କାରଣରୁ ଏହି ଆଇନ୍ ପରିସରଭୁକ୍ତ ଏକ ଅପରାଧ ସଂବନ୍ଧରେ କୌଣସି ମୂଲ୍ୟବାନ୍ ପ୍ରମାଣ ନଷ୍ଟ ବା ଲୁକ୍‌କାୟିତ ହୋଇଯିବାର ସମ୍ଭାବନା ଅଛି, ବା ଅପରାଧ ଘଟାଇଥିବା ବା ଅପରାଧ ଘଟାଇଛି ବୋଲି ସନ୍ଦେହ କରାଯାଉଥିବା ବ୍ୟକ୍ତି ଖସି ପଳାଇବାର ସମ୍ଭାବନା ଅଛି ବା ଉକ୍ତ ବ୍ୟକ୍ତିର ନାମ ଓ ଠିକଣା ଅଜଣା ଥାଏ ବା ସେହି ବ୍ୟକ୍ତିଙ୍କର ମିଛ ନାମ ଓ ଠିକଣା ଦରଜ କରାହୋଇଛି ବୋଲି ସନ୍ଦେହ କରିବାର କାରଣ ରହିଛି, ତେବେ ସେ ଉକ୍ତ ବ୍ୟକ୍ତିଙ୍କୁ ଆଦେଶପତ୍ର ବିନା ଗିରଫ କରିପାରିବେ, କିନ୍ତୁ ଏଭଳି ସ୍ଥିତିରେ ସେ ଯଥା ସମ୍ଭବ ଶୀଘ୍ର ସ୍ୱତନ୍ତ୍ର ପୋଲିସ୍ ଅଧିକାରଙ୍କୁ ଗିରଫ ତଥା କେଉଁ ପରିସ୍ଥିତିରେ ଗିରଫ କରଗଲା ସେ ବିଷୟରେ ଜଣାଇବେ ।

**୧୫. ବିନା ପରୱାନାରେ ତଲାସି-**

(୧) ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ବ୍ୟବସ୍ଥା ଥାଉନା କାହିଁକି, ଯେତେବେଳେ ସ୍ୱତନ୍ତ୍ର ପୋଲିସ୍ ଅଧିକାରୀ (ବା ଯଥାସ୍ଥିତି ଚାଲାଣ ପୋଲିସ୍ ଅଧିକାରୀ) ଯଥୋଚିତ କାରଣରୁ ହୃଦ୍‌ବୋଧ କରନ୍ତି ଯେ, କୌଣସି ଏକ ପରିସରରେ ରହୁଥିବା ଜଣେ ବ୍ୟକ୍ତି ପ୍ରତି ଏଭଳି ଏକ ଅପରାଧ ଘଟାଯାଇଛି ବା ଘଟିବାକୁ ଯାଉଛି, ଯାହାକି ଏହି ଆଇନ୍ ଅନୁଯାୟୀ ଦଣ୍ଡନୀୟ, ଏବଂ ପରୱାନା ସହିତ ଉକ୍ତ ପରିସରର ତଲାସି କରିବାକୁ ଗଲେ ଅଯଥା ବିଳମ୍ବ ଘଟିବ, ତେବେ ଉକ୍ତ ଅଧିକାରୀ ନିଜେ ବିଶ୍ୱାସ କରୁଥିବା କାରଣଗୁଡିକୁ ଲିପିବଦ୍ଧ କରି ଉକ୍ତ ପରିସର ମଧ୍ୟରେ ପ୍ରବେଶ କରିପାରିବେ ତଥା ବିନା ପରୱାନାରେ ତଲାସି ନେଇ ପାରିବେ ।

(୨) ଉପଧାରା (୧) ଅନୁଯାୟୀ ତଲାସି କରିବା ପୂର୍ବରୁ ସ୍ୱତନ୍ତ୍ର ପୋଲିସ୍ ଅଧିକାରୀ (ବା ଯଥାସ୍ଥିତି ଚାଲାଣ ପୋଲିସ୍ ଅଧିକାରୀ) ଯେଉଁ ଅଞ୍ଚଳରେ ତଲାସ ହେବାକୁ ଥିବା ସ୍ଥାନଟି ଅବସ୍ଥିତ, ତହିଁର ଦୁଇ ବା ତତୋଧିକ ସମ୍ମାନାସ୍ପଦ ବାସିନ୍ଦା (ସେମାନଙ୍କୁ ମଧରେ ଅନ୍ତତଃ ଜଣେ ମହିଳା ଥିବେ)ଙ୍କୁ ତଲାସି ବେଳେ ଉପସ୍ଥିତ ରହିବା

ଏବଂ ତଲାସିର ସାକ୍ଷୀ ହେବା ପାଇଁ କହିପାରନ୍ତି, ଏବଂ ସେ ଏହି ମର୍ମରେ ସମସ୍ତଙ୍କୁ ବା ସେମାନଙ୍କ ଭିତରୁ ଜଣେ କାହାଙ୍କୁ ଏକି ଲିଖିତ ଆଦେଶ ଦେଇ ପାରନ୍ତି :

ପରନ୍ତୁ, ଯେଉଁ ଅଞ୍ଚଳରେ ତଲାସ ହେବାର ସ୍ଥାନ ଅବସ୍ଥିତ, ସମାନାସ୍ପଦ ବ୍ୟକ୍ତିମାନେ ସେହି ଅଞ୍ଚଳର ବାସିନ୍ଦା ହୋଇଥିବେ ବୋଲି ଯେଉଁ ବ୍ୟବସ୍ଥା ଅଛି, ତାହା ତଲାସି ବେଳେ ଉପସ୍ଥିତ ରହିବା ବା ତଲାସିର ସାକ୍ଷୀ ହେବା ପାଇଁ ଆବଶ୍ୟକ ପଡୁଥିବା ମହିଳାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହେବନାହିଁ ।

(୩) ଜଣେ ବ୍ୟକ୍ତି, ଯାହାଙ୍କୁ ଏହି ଆଇନ୍ ଧୀନରେ ଗୋଟିଏ ତଲାସି ବେଳେ ଉପସ୍ଥିତ ରହିବା ଏବଂ ସାକ୍ଷୀ ହେବା ପାଇଁ ଏକ ଲିଖିତ ଆଦେଶ ଦିଆଯାଇଥିବ ଏବଂ ଏହି ଆଦେଶ ତାଙ୍କର ହସ୍ତଗତ ହୋଇଥିବ, ସେ ଯଦି ଯଥୋଚିତ କାରଣ ବିନା ତଲାସି ବେଳେ ଉପସ୍ଥିତ ରହିବା ଏବଂ ସାକ୍ଷୀ ହେବା ପାଇଁ ମନା କରନ୍ତି ବା ଉପେକ୍ଷା କରନ୍ତି, ତେବେ ସେ ଭାରତୀୟ ଦଣ୍ଡ ସଂହିତାର ଦଫା ୧୮୭ ଅନୁସାରେ ଏକ ଅପରାଧ ଘଟାଇଛନ୍ତି ବୋଲି ବିବେଚନା କରାଯିବ ।

(୪) କୌଣସି ପରିସରକୁ ସ୍ୱତନ୍ତ୍ର ପୋଲିସ୍ ଅଧିକାରୀ ବା ଯଥାସ୍ଥିତି ଚାଲାଣ ପୋଲିସ୍ ଅଧିକାରୀ ଉପଧାରା (୧) ଅନୁଯାୟୀ କୌଣସି ପରିସରରେ ପ୍ରବେଶ କରିବା ପରେ ସେଠାରେ ଦୃଷ୍ଟିଗୋଚର ହେଉଥିବା ସମସ୍ତ ବ୍ୟକ୍ତିଙ୍କୁ ହଟାଇ ଦେଇପାରିବା ପାଇଁ ହକ୍‌ଦାର ରହିବେ ।

(୫) ସ୍ୱତନ୍ତ୍ର ପୋଲିସ୍ ଅଧିକାରୀ (ବା ଯଥାସ୍ଥିତି ଚାଲାଣ ପୋଲିସ୍ ଅଧିକାରୀ) ଉପଧାରା (୪) ଅନୁଯାୟୀ ପ୍ରତି ବ୍ୟକ୍ତିଙ୍କୁ ହଟାଇବା ପରେ ତାଙ୍କୁ ଅବିଳମ୍ବେ ଯଥୋଚିତ ମାଜିଷ୍ଟ୍ରେଟ୍‌ଙ୍କ ସାମନାରେ ପେଶ୍ କରିବେ ।

(୫-ଏ) ଉପଧାରା (୫) ମତେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ପେଶ୍ ହୋଇଥିବା ବ୍ୟକ୍ତିଙ୍କୁ ଜଣେ ପଞ୍ଜିକୃତ ଚିକିତ୍ସା ଅଧିକାରୀଙ୍କ ଠାରେ ଉକ୍ତ ବ୍ୟକ୍ତିଙ୍କର ବୟସ, ଯୌନ-ଅତ୍ୟାଚାର ଫଳରେ ଘଟିଥିବା କୌଣସି ଆଘାତ ବା କୌଣସି ଯୌନ-ସଂକ୍ରମଣ ରୋଗର ସମ୍ଭାବନା ସମ୍ବନ୍ଧରେ ତଥ୍ୟ-ନିର୍ଦ୍ଧାରଣ ନିମନ୍ତେ ପରୀକ୍ଷା କରାଯିବ ।

**ସ୍ପଷ୍ଟୀକରଣ-** ଏହି ଉପଧାରାରେ "ପଞ୍ଜିକୃତ ଚିକିତ୍ସା ଅଧିକାରୀ" କହିଲେ ତାହାହିଁ ବୁଝାଇବ, ଯାହାକି ଭାରତୀୟ ଭେଷଜ ପରିଷଦ ଆଇନ୍, ୧୯୫୬ (୧୯୫୬ର ଆଇନ୍ ସଂଖ୍ୟା ୧୦୨)ରେ ନ୍ୟସ୍ତ କରାଯାଇଛି ।

(୬) ସ୍ୱତନ୍ତ୍ର ପୋଲିସ୍ ଅଧିକାରୀ (ବା ଯଥାସ୍ଥିତି ଚାଲାଣ ପୋଲିସ୍ ଅଧିକାରୀ) ତଥା ତଲାସିରେ ଅଂଶଗ୍ରହଣ କରିଥିବା ବା ତଲାସି ସମୟରେ ଉପସ୍ଥିତ ଥିବା ବା ସାକ୍ଷୀ ଥିବା ଅନ୍ୟ ବ୍ୟକ୍ତିମାନଙ୍କ ବ୍ୟକ୍ତିଙ୍କ ବିରୁଦ୍ଧରେ, ସେମାନେ ତଲାସି ପରିପ୍ରେକ୍ଷୀରେ ଏବଂ ତଲାସି ଉଦ୍ଦେଶ୍ୟରେ ଯାହାକିଛି ଆଇନ୍ ସଂଗତ କାର୍ଯ୍ୟ କରିଥିବେ, ତାକୁ କେନ୍ଦ୍ର କରି କୌଣସି ଦେଓ୍ୱାନୀ ବା ଫୌଜଦାରୀ କାର୍ଯ୍ୟବିଧି ଆଗତ ହୋଇପାରିବ ନାହିଁ ।

(୬-ଏ) ସ୍ୱତନ୍ତ୍ର ପୋଲିସ୍ ଅଧିକାରୀ ବା ଯଥାସ୍ଥିତି ଚାଲାଣ ପୋଲିସ୍ ଅଧିକାରୀ ଏହି ଧାରା ଅନୁଯାୟୀ ତଲାସି କଲାବେଳେ ତାଙ୍କ ସଙ୍ଗରେ ଅନ୍ତତଃ ଦୁଇଜଣ ମହିଳା ପୋଲିସ୍ ଅଧିକାରୀ ଉପସ୍ଥିତ ଥିବେ, ଏବଂ ଯେଉଁସ୍ଥଳେ ଉପଧାରା (୪) ଅଧୀନରେ ଅପସାରଣ କରାଯାଇଥିବା ଜଣେ ମହିଳା ବା ବାଳିକାଙ୍କୁ ଜେରା କରିବା ଆବଶ୍ୟକ, ସେପରି ସ୍ଥଳେ ଏହି କାର୍ଯ୍ୟ ଜଣେ ମହିଳା ପୋଲିସ୍ ଅଧିକାରୀଙ୍କ ଦ୍ୱାରା ସମ୍ପାଦିତ ହେବ ଏବଂ ଯଦି କୌଣସି ମହିଳା ପୋଲିସ୍ ଅଧିକାରୀ ନମିଳନ୍ତି, ତେବେ କୌଣସି ସ୍ୱୀକୃତିପ୍ରାପ୍ତ ସମାଜମଙ୍ଗଳ ସଂସ୍ଥା ବା ସଂଗଠନର ମହିଳା ସଦସ୍ୟାଙ୍କ ଉପସ୍ଥିତିରେ ଏହି ଜେରା ଅନୁଷ୍ଠିତ ହୋଇପାରିବ ।

**ସ୍ପଷ୍ଟୀକରଣ-** ଏହି ଉପଧାରା ତଥା ଧାରା ୧୭-ଏ ର ଉଦ୍ଦେଶ୍ୟାର୍ଥେ "ସ୍ୱୀକୃତିପ୍ରାପ୍ତ ସମାଜମଙ୍ଗଳ ସଂସ୍ଥା ବା ସଂଗଠନ" କହିଲେ ଯେ କୌଣସି ସଂସ୍ଥା ବା ସଂଗଠନ, ଯାହାକୁ ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାର ସ୍ୱୀକୃତି ଦେଇ ଥାଇପାରନ୍ତି ।

(୭) ଏହି ଧାରା ଅନୁଯାୟୀ ଅନୁଷ୍ଠିତ ହେଉଥିବା ତଲାସି କ୍ଷେତ୍ରରେ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨)ର ବ୍ୟବସ୍ଥାମାନ ପ୍ରଯୁଜ୍ୟ ରହିବ, ଠିକ୍ ଯେମିତି ଉକ୍ତ ସଂହିତାର ଦଫା ୯୪ ଅଧୀନରେ ଜାରି ହୋଇଥିବା ଏକ ପରଓ୍ୱାନା ବଳରେ ତଲାସି ନିଆଯିବା କ୍ଷେତ୍ରରେ ସେଗୁଡିକ ପ୍ରଯୁଜ୍ୟ ହୋଇଥାଏ ।

**୧୬. ସଂପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରିବା-**

(୧) ପୋଲିସ୍ ବା ରାଜ୍ୟ ସରକାରଙ୍କ ଠାରୁ ଏହି ଉଦ୍ଦେଶ୍ୟରେ କର୍ତ୍ତୃତ୍ୱପ୍ରାପ୍ତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଠାରୁ ବା ଅନ୍ୟ କୌଣସି ପ୍ରକାରେ ମିଳିଥିବା ସୂଚନା ଭିତ୍ତିରେ ମାଜିଷ୍ଟ୍ରେଟ୍ ଏକଥା ବିଶ୍ୱାସ କରିବାର କାରଣ ଥାଏ ଯେ, କୌଣସି ବ୍ୟକ୍ତି ବେଶ୍ୟାଳୟରେ ଜୀବନଯାପନ କରୁଛି, ନିଜେ ସେଠାରେ ବେଶ୍ୟାବୃତ୍ତି କରୁଅଛି ବା ସେଠାରେ ବେଶ୍ୟାବୃତ୍ତି କରିବା ପାଇଁ ତାକୁ ନିୟୋଜିତ କରାଯାଇଛି, ତେବେ ସେ ସବ୍-ଇନ୍ସପେକ୍ଟରଙ୍କ ପାହ୍ୟାଠାରୁ ନ୍ୟୂନ ହୋଇନଥିବା ଜଣେ ପୋଲିସ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରିବେ ଉକ୍ତ ବେଶ୍ୟାଳୟକୁ ପ୍ରବେଶ କରି ସେଠାରୁ ଉକ୍ତ ବ୍ୟକ୍ତିକୁ ଅପସାରଣ କରି ତାଙ୍କ ସମ୍ମୁଖରେ ପେଶ୍ କରିବାକୁ ।

(୨) ସଂପୃକ୍ତ ପୋଲିସ୍ ଅଧିକାରୀ ଉକ୍ତ ବ୍ୟକ୍ତିକୁ ଅପସାରଣ କରିବା ପରେ ତାକୁ ଅବିଳମ୍ବେ ଆଦେଶ ଜାରି କରିଥିବା ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ପେଶ୍ କରିବେ ।

**୧୭. ଧାରା ୧୫ ଅଧୀନରେ ଅପସାରଣ କରାଯାଇଥିବା ବ୍ୟକ୍ତି ଏବଂ ଧାରା ୧୬ ଅଧୀନରେ ଉଦ୍ଧାର କରାଯାଇଥିବା ବ୍ୟକ୍ତିର ମଧ୍ୟବର୍ତ୍ତୀକାଳୀନ ଜିମା-**

(୧) ଧାରା ୧୫ର ଉପଧାରା (୪) ଅଧୀନରେ ସ୍ୱତନ୍ତ୍ର ପୋଲିସ୍ ଅଧିକାରୀ ଅପସାରଣ କରିଥିବା ବ୍ୟକ୍ତିଙ୍କୁ ବା ଧାରା ୧୬ର ଉପଧାରା(୧) ଅଧୀନରେ ଜଣେ ପୋଲିସ୍ ଅଧିକାରୀ ଉଦ୍ଧାର କରିଥିବା ବ୍ୟକ୍ତିଙ୍କୁ କୌଣସି କାରଣରୁ ଧାରା ୧୫ର ଉପଧାରା (୫) ଆବଶ୍ୟକ କରୁଥିବା ମତେ ଉପଯୁକ୍ତ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ବା ଧାରା ୧୬ର ଉପଧାରା (୨) ଆବଶ୍ୟକ କରୁଥିବା ମତେ ଆଦେଶ ଜାରି କରିଥିବା ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ପେଶ୍ କରିବାରେ ଅସମର୍ଥ ହୁଅନ୍ତି, ତେବେ ସେ ଉକ୍ତ ବ୍ୟକ୍ତିଙ୍କୁ ଯେ କୌଣସି ଶ୍ରେଣୀର ନିକଟସ୍ଥ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଅବିଳମ୍ବେ ପେଶ୍ କରିବେ, ଏବଂ ଉକ୍ତ ମାଜିଷ୍ଟ୍ରେଟ୍ ବିଚାର କରି ସଠିକ୍ ମନେ କରନ୍ତି, ତେବେ ଆଦେଶ ଦେଇଥିବା ମାଜିଷ୍ଟ୍ରେଟଙ୍କ ଠାରେ ପେଶ୍ ହେବା ପର୍ଯ୍ୟନ୍ତ ଉକ୍ତ ବ୍ୟକ୍ତିର ସୁରକ୍ଷା ଓ ଜିମା ପାଇଁ ଆଦେଶ ଦେଇ ପାରିବେ :

ପରନ୍ତୁ, ଜଣେ ବ୍ୟକ୍ତିଙ୍କୁ –

(୧) ଏହି ଉପଧାରା ଅଧୀନରେ ଯେଉଁ ତାରିଖରେ ଆଦେଶ ଜାରି କରାଯାଇଥିବ, ତାହାଠାରୁ ଦଶଦିନରୁ ଊର୍ଦ୍ଧ୍ୱ ସମୟ ପାଇଁ ଏହି ଉପଧାରା ଅଧୀନରେ ହାଜତରେ ଅଟକ ରଖାଯାଇ ପାରିବ ନାହିଁ; ବା

(୨) ସେହି ବ୍ୟକ୍ତିଙ୍କୁ ପ୍ରତ୍ୟାର୍ପିତ କରାଯିବ ନାହିଁ ବା ତାଙ୍କ ହେପାଜତ୍ ଅଧୀନରେ ଜିମା ଦିଆଯିବ ନାହିଁ, ଯେ କି ତାଙ୍କ ଉପରେ କୌଣସି କ୍ଷତିକାରକ ପ୍ରଭାବ ପକାଇ ପାରନ୍ତି ।

(୨) ଯେଉଁସ୍ଥଳେ ଧାରା ୧୫ର ଉପଧାରା (୫) ଅଧୀନରେ ଉକ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଓ ଧାରା ୧୬ର ଉପଧାରା (୨) ଅଧୀନରେ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର୍ କରାଯିବ, ସେପରି ସ୍ଥଳେ ଉକ୍ତ ମାଜିଷ୍ଟ୍ରେଟ୍ ସେହି ବ୍ୟକ୍ତିଙ୍କୁ ନିଜର ବୟାନ ପେଶ୍ କରିବାର ସୁଯୋଗ ଦେବା ପରେ ଧାରା ୧୬ର ଉପଧାରା (୧) ଅଧୀନରେ ମିଳିଥିବା ସେହିସବୁ ସୂଚନାର ସତ୍ୟତା ନିର୍ଦ୍ଧାରଣ ପାଇଁ ଏକ ଅନୁସନ୍ଧାନ ପାଇଁ ବ୍ୟବସ୍ଥା କରିବେ, ଯଥା ଉକ୍ତ ବ୍ୟକ୍ତିଙ୍କର ବୟସ, ଚରିତ୍ର ଓ ଇତିବୃତ୍ତି ଏବଂ ସେହି ବ୍ୟକ୍ତିଙ୍କର ଦାୟିତ୍ୱ ବହନ କରିବା କ୍ଷେତ୍ରରେ ତାଙ୍କର ପିତାମତା, ଅଭିଭାବକ ବା ସ୍ୱାମୀଙ୍କ ଯୋଗ୍ୟତା, ତଥା ଯଦି ତାଙ୍କୁ ନିଜ ଗୃହକୁ ପଠାଇ ଦିଆଯାଏ, ତେବେ ଗୃହର ପରିସ୍ଥିତି ତାଙ୍କ ଉପରେ କି ପ୍ରକାର ପ୍ରଭାବ ପକାଇବ, ଏବଂ ଏହି ଉଦ୍ଦେଶ୍ୟରେ ମାଜିଷ୍ଟ୍ରେଟ୍ ଅପରାଧୀଙ୍କ ପରିବୀକ୍ଷା ଆଇନ୍ ୧୯୫୮ (୧୯୫୮ର ଆଇନ୍ ସଂଖ୍ୟା ୨୦) ଅଧୀନରେ ନିଯୁକ୍ତ ହୋଇଥିବା ଜଣେ ପରିବୀକ୍ଷା ଅଧିକାରୀଙ୍କୁ ଉପରୋକ୍ତ ବିଷୟଗୁଡିକ ତଥା ଉକ୍ତ ବକ୍ତିଙ୍କର ବ୍ୟକ୍ତିତ୍ୱ ତଥା ତାଙ୍କର ଥଇଥାନର ସମ୍ଭାବନା ଉପରେ ଅନୁସନ୍ଧାନ କରିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି ।

(୩) ଉପଧାରା (୨) ଅନୁଯାୟୀ ଏକ ଅନୁସନ୍ଧାନ ହେବା ପରେ ଉକ୍ତ ବ୍ୟକ୍ତିଙ୍କର ନିରାପଦ ହେପାଜତ୍ ପାଇଁ ସେ ଉପଯୁକ୍ତ ମନେ କରୁଥିବା ଆଦେଶ ଜାରି କରି ପାରନ୍ତି :

ପରନ୍ତୁ, ଯେଉଁସ୍ଥଳେ ଧାରା ୧୬ ଅନୁଯାୟୀ ଉଦ୍ଧାର କରାଯାଇଥିବା ବ୍ୟକ୍ତି ଜଣେ ବାଳୁତ ବା ନାବାଳକ ହୋଇଥିବେ, ତେବେ ସେହି ବାଳୁତ ବା ନାବଳକକୁ ସେଭଳି ଏକ ସଂସ୍ଥା ଅଧୀନରେ ଆଶ୍ରୟ ଦେବା ପାଇଁ ନିଜେ ଉଚିତ୍ ମଣି ପାରନ୍ତି, ଯାହାକି କୌଣସି ଏକ ରାଜ୍ୟରେ ବାଳୁତମାନଙ୍କର ନିରାପଦ ହେପାଜତ୍ ପାଇଁ ଉଦ୍ଦିଷ୍ଟ ଥିବା କୌଣସି ବାଳୁତ ଆଇନ୍ ଅନୁଯାୟୀ ପତିଷ୍ଠିତ ବା ସ୍ୱୀକୃତିପ୍ରାପ୍ତ ହୋଇଥିବ:

ପୁଣି ପରନ୍ତୁ, କୌଣସି ବ୍ୟକ୍ତିଙ୍କୁ ଏତାଦୃଶ ଆଦେଶ ଜାରିହେବା ତାରିଖ ଠାରୁ ତିନି ସପ୍ତାହରୁ ଅଧିକ କାଳ ପାଇଁ ଏହି ଉଦ୍ଦେଶ୍ୟରେ ହେପାଜତ୍‌ରେ ରଖାଯାଇ ପାରିବ ନାହିଁ କିମ୍ବା କୌଣସି ବ୍ୟକ୍ତିଙ୍କୁ ଏପରି ଜଣେ ବ୍ୟକ୍ତିଙ୍କ ହେପାଜତ୍‌ରେ ରଖାଯିବ ନାହିଁ, ଯାହାଙ୍କର କ୍ଷତିକାରକ ପ୍ରଭାବ ତାଙ୍କ ଉପରେ ପଡିବାର ଆଶଙ୍କା ଥିବ ।

(୪) ଯେଉଁସ୍ଥଳେ ମାଜିଷ୍ଟ୍ରେଟ୍ ଉପଧାରା (୨) ମୁତାବକ ଏକ ଅନୁସନ୍ଧାନ କରାଇବା ପରେ ହୃଦ୍‌ବୋଧ କରନ୍ତି ଯେ,

- ମିଳିଥିବା ତଥ୍ୟ ସତ୍ୟ ଅଟେ ; ଏବଂ

- ଉକ୍ତ ବ୍ୟକ୍ତିଙ୍କର ଯତ୍ନ ଓ ସୁରକ୍ଷା ନେବା ଦରକାର,

ତେବେ ଉପଧାରା (୫)ର ବ୍ୟବସ୍ଥା ଅଧୀନରେ ରହି ସେ ଆଦେଶ ଦେଇ ପାରନ୍ତି ଯେ, ଉକ୍ତ ବ୍ୟକ୍ତିଙ୍କୁ ତାଙ୍କ ବିବେଚନାରେ ଉପଯୁକ୍ତ ମନେ ହେଉଥିବା ଏକ ସୁରକ୍ଷା ଗୃହରେ ବା ତାଦୃଶ ଏକ ହେପାଜତ୍‌ରେ ନିଜ ଆଦେଶରେ ବିନିର୍ଦ୍ଦିଷ୍ଟ ହୋଇଥିବା ଏପରି ଏକ ଅବଧି ପାଇଁ ଅଟକ ରଖାଯାଇପାରେ, ଯାହା କି ଏକବର୍ଷରୁ କମ୍ ଏବଂ ତିନି ବର୍ଷରୁ ଅଧିକ ହୋଇନଥିବ, ଏବଂ ଏହି ଆଦେଶ ପଛରେ ଥିବା କାରଣମାନ ସେ ଲିଖିତ ଭାବେ ସୂଚାଇଥିବେ :

ପରନ୍ତୁ, ଯେଉଁ ବ୍ୟକ୍ତି ବା ବ୍ୟକ୍ତିଗଣଙ୍କର ହେପାଜତ୍ ଅଧୀନରେ ଉକ୍ତ ବ୍ୟକ୍ତିଙ୍କୁ ରଖାଯିବ, ଉଭୟଙ୍କର ଧାର୍ମିକ ବିଶ୍ୱାସ ପରସ୍ପର ଠାରୁ ଭିନ୍ନ ହୋଇନଥିବ ଏବଂ ସଂପୃକ୍ତ ସୁରକ୍ଷା ଗୃହର ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କ ସମେତ ଯେଉଁ ବ୍ୟକ୍ତିମାନଙ୍କ ହେପାଜତ୍‌ରେ ଉକ୍ତ ବ୍ୟକ୍ତିଙ୍କୁ ରଖାଯିବ, ସେମାନଙ୍କୁ ଏଭଳି ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିବାକୁ ପଡିପାରେ, ଯେଉଁଥିରେ ଆବଶ୍ୟକତା ଓ ସମ୍ଭାବ୍ୟତାଙ୍କୁ ଦୃଷ୍ଟିରେ ରଖି ଉକ୍ତ ବ୍ୟକ୍ତିଙ୍କର ଉପଯୁକ୍ତ ଯତ୍ନ, ଅଭିଭାବକତ୍ୱ, ଶିକ୍ଷା, ତାଲିମ୍ ଏବଂ ସ୍ୱାସ୍ଥ୍ୟଗତ ଏବଂ ମନସ୍ତାତ୍ତ୍ୱିକ ଚିକିତ୍ସା ତଥା ଅଦାଲତଙ୍କ ଦ୍ୱାରା

ନିୟୋଜିତ ହୋଇଥିବା ବ୍ୟକ୍ତିଙ୍କ ଦ୍ୱାରା ଦେଖାଶୁଣା ସମ୍ବନ୍ଧରେ ସଂପୃକ୍ତ ନିର୍ଦ୍ଦେଶାବଳୀକୁ ଭିତ୍ତି କରି ଅଙ୍ଗୀକାରମାନ ସ୍ଥିରୀକୃତ ହୋଇପାରେ, ଏବଂ ଏହି ଚୁକ୍ତିନାମା ସର୍ବାଧିକ ତିନି ବର୍ଷ ପାଇଁ ବଳବତ୍ତର ରହି।

(୫) ଉପଧାରା(୨) ଅଧୀନରେ ନିଜର କାର୍ଯ୍ୟାବଳୀ ସମ୍ପାଦନ କରିବାକୁ ଯାଇ ମାଜିଷ୍ଟ୍ରେଟ୍ ତାଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ପାଞ୍ଚଜଣ ସମ୍ମାନାସ୍ପଦ ବ୍ୟକ୍ତିଙ୍କର ଏକ ଗୋଷ୍ଠୀଙ୍କୁ ସମନ୍ କରିପାରନ୍ତି, ଏବଂ ଯେଉଁ ସ୍ଥଳେ ସମ୍ଭବ ସେମାନଙ୍କ ଭିତରୁ ତିନି ଜଣ ମହିଳା ହୋଇଥିବେ, ଏବଂ ଏହି ଉଦ୍ଦେଶ୍ୟରେ ଅନୈତିକ ମାନବ ଚାଲାଣର ପ୍ରଶମନ କ୍ଷେତ୍ରରେ ଅଭିଜ୍ଞତା ଅର୍ଜନ କରିଥିବା, ବିଶେଷ କରି ମହିଳା ସମାଜ-ମଙ୍ଗଳ କର୍ମୀମାନଙ୍କର ଏକ ତାଲିକା ନିଜ ପାଖରେ ରଖିଥିବେ।

(୬) ଉପଧାରା (୪) ଅଧୀନରେ ଜାରି ହୋଇଥିବା କୌଣସି ଆଦେଶ ବିରୁଦ୍ଧରେ ଏକ ଅପିଲ୍ ଦୌରା ଅଦାଲତଙ୍କ ନିକଟରେ ଦାଖଲ ହୋଇପାରିବ, ଏବଂ ଏହି ଅପିଲ୍ ଉପରେ ଦୌରା ଅଦାଲତ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

**୧୭-ଏ. ଧାରା ୧୬ ଅଧୀନରେ ଉଦ୍ଧାର କରାଯାଇଥିବା ବ୍ୟକ୍ତିକୁ ପିତାମାତା/ଅଭିଭାବକଙ୍କ ଠାରେ ଅର୍ପଣ କରିବା ପୂର୍ବରୁ ପାଳନୀୟ ସର୍ତ୍ତାବଳୀ:-**

ଧାରା ୧୭ର ଉପଧାରା (୨)ରେ ଯାହାକିଛି ବ୍ୟବସ୍ଥା ସୂଚୀତ ହୋଇଥାଉନା କାହିଁକି, ଧାରା ୧୭ ମତେ ଅନୁସନ୍ଧାନ କରାଉଥିବା ମାଜିଷ୍ଟ୍ରେଟ୍, ଧାରା ୧୬ ମତେ ଉଦ୍ଧାର କରାହୋଇଥିବା କୌଣସି ବ୍ୟକ୍ତିକୁ ତାଙ୍କର ପିତାମାତା, ଅଭିଭାବକ ବା ସ୍ୱାମୀଙ୍କ ହସ୍ତରେ ଅର୍ପଣ କରିବା ପାଇଁ ଆଦେଶ ଜାରି କରିବା ପୂର୍ବରୁ ସେହି ବ୍ୟକ୍ତିଙ୍କର ହେପାଜତ୍ ନେବା ପାଇଁ ସମ୍ପୃକ୍ତ ପିତାମତା, ଅଭିଭାବକ ବା ସ୍ୱାମୀଙ୍କ ଦକ୍ଷତା ବା ସେମାନଙ୍କର ପ୍ରକୃତ ସ୍ଥିତି ବିଷୟରେ ଏକ ସ୍ୱୀକୃତିପ୍ରାପ୍ତ ଜନମଙ୍ଗଳ ସଂସ୍ଥା ବା ସଂଗଠନ ଦ୍ୱାରା ଅନୁସନ୍ଧାନ କରାଇ ନିଜେ ହୃଦ୍‌ବୋଧ କରିବା ଦରକାର।

**୧୮. ବେଶ୍ୟାଳୟ ବନ୍ଦ କରିବା ତଥା ଏହାର ପରିସରରୁ ଅପରାଧୀମାନଙ୍କୁ ବହିଷ୍କାର କରିବା-**

(୧) ଧାରା ୭ର ଉପଧାରା (୧)ରେ ସୂଚୀତ ହୋଇଥିବା ଏକ ସର୍ବସାଧାରଣ ସ୍ଥାନର ଦୁଇଶହ ୨୦୦ମିଟର ଭିତରେ ଅବସ୍ଥିତ ଗୋଟିଏ ଗୃହ, କୋଠରୀ, ସ୍ଥାନ ବା ଏହାର ଅଂଶବିଶେଷ ଯଦି କୌଣସି ବ୍ୟକ୍ତିଙ୍କ ଦ୍ୱାରା ଗୋଟିଏ ବେଶ୍ୟାଳୟ ଭାବେ ପରିଚାଳିତ ବା ବ୍ୟବହୃତ ଅଥବା ବେଶ୍ୟାମାନଙ୍କ ଦ୍ୱାରା ସେମାନଙ୍କର ବ୍ୟବସାୟ ପାଇଁ ବ୍ୟବହୃତ ହେଉଥିବା ବିଷୟରେ ଜଣେ ମାଜିଷ୍ଟ୍ରେଟ୍ ପୋଲିସ୍ ବା ଅନ୍ୟ ସୂତ୍ରରୁ ଅବଗତ ହୁଅନ୍ତି, ତେବେ ସେ ଉକ୍ତ ଗୃହ, କୋଠରୀ, ସ୍ଥାନ ବା ଅଂଶବିଶେଷର ମାଲିକ, ଲିଜ୍‌ଦାତା ବା ସତ୍ତ୍ୱାଧିକାରୀ, ବା ସେହି ମାଲିକ, ଲିଜ୍‌ଦାତା ବା ସତ୍ତ୍ୱାଧିକାରୀଙ୍କ ଏଜେଣ୍ଟ ବା ଉକ୍ତ ଗୃହ, କୋଠରୀ, ସ୍ଥାନ ବା ଅଂଶବିଶେଷର ଭଡ଼ାଟିଆ, ଲିଜ୍-ଗ୍ରହୀତା ବା ଦଖଲକାର ବା ଜିମାଦାର୍‌ଙ୍କୁ ନୋଟିସ୍ ଜାରି କରି ନୋଟିସ୍ ମିଳିବାର ସାତଦିନ ଭିତରେ ଏହାର କାରଣ ଦର୍ଶାଇବାକୁ ଆଦେଶ କରିବେ ଯେ, ଉକ୍ତ ପରିସରର ଅବାଂଛିତ ବ୍ୟବହାର ହେଉଥିବା କାରଣରୁ ତାହାକୁ ସାତଦିନ ମଧ୍ୟରେ କାହିଁକି ବ୍ୟାଜାପ୍ତ କରାଯିବ ନାହିଁ; ଏବଂ ଉକ୍ତ ବ୍ୟକ୍ତିଙ୍କ ବୟାନର ଶୁଣାଣି କଲାପରେ ଯଦି ମାଜିଷ୍ଟ୍ରେଟ୍‌ଙ୍କର ହୃଦ୍‌ବୋଧ ହୁଏ ଯେ, ଉକ୍ତ ଗୃହ, କୋଠରୀ, ସ୍ଥାନ ବା ଏହାର ଏକ ଅଂଶବିଶେଷ ବେଶ୍ୟାଳୟ ଭାବେ ବା ବେଶ୍ୟାବୃତ୍ତି ପାଇଁ ବ୍ୟବହାର ହେଉଅଛି, ତେବେ ସେ ନିମ୍ନମତେ ଆଦେଶ ଦେଇପାରନ୍ତି-

(ଏ) ଆଦେଶ ଜାରି ହେବାର ସାତ ଦିନ ମଧ୍ୟରେ ଉକ୍ତ ଘର, କୋଠରୀ, ସ୍ଥାନ ବା ଅଂଶବିଶେଷରୁ ଦଖଲକାରୀମାନଙ୍କୁ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେବା ;

(ବି) ଆଦେଶ ଜାରି ହେବାର ଅବ୍ୟବହିତ ପରେ ମାଲିକ, ଲିଜ୍‌ଦାତା ବା ସତ୍ୱାଧିକାରୀ ବା ମାଲିକ, ଲିଜ୍‌ଦାତା ବା ସତ୍ୱାଧିକାରୀଙ୍କର ଏଜେଣ୍ଟ ଉକ୍ତ ପରିସରକୁ ବର୍ଷକ ଭିତରେ ଭଡା ଦେବା ପୂର୍ବରୁ ବା ଯେଉଁସ୍ଥଳେ ଧାରା ୧୫ ଅନୁଯାୟୀ ଏକ ତଲାସି କଲାବେଳେ ଉକ୍ତ ଗୃହ, କୋଠରୀ, ସ୍ଥାନ ବା ଅଂଶବିଶେଷରେ ଜଣେ ବାଳୁତ ବା ନାବାଳିକଙ୍କୁ ଠାବ କରାଯାଇଛି, ସେପରି ସ୍ଥଳେ ଉକ୍ତ ପରିସରକୁ ତିନିବର୍ଷ ଭିତରେ ଭଡା ଦେବା ପୂର୍ବରୁ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ପୂର୍ବାନୁମତି ସଂଗ୍ରହ କରିବେ ବୋଲି ନିର୍ଦ୍ଦେଶ ଦେବା :

ପରନ୍ତୁ, ଯଦି ମାଜିଷ୍ଟ୍ରେଟ୍ ଯଦି ହୃଦ୍‌ବୋଧ କରନ୍ତି ଯେ, ମାଲିକ, ଲିଜ୍‌ଦାତା ବା ସତ୍ୱାଧିକାରୀ ତଥା ମାଲିକ, ଲିଜ୍‌ଦାତା ବା ସତ୍ୱାଧିକାରୀଙ୍କର ଏଜେଣ୍ଟ ଉକ୍ତ ଗୃହ, କୋଠରୀ, ସ୍ଥାନ ବା ଏହାର ଅଂଶବିଶେଷର ଅବାଂଛିତ ଉପଯୋଗ ସମ୍ବନ୍ଧରେ ନିର୍ଦ୍ଦୋଷ ଅଟନ୍ତି, ତେବେ ସେ ମାଲିକ, ଲିଜ୍‌ଦାତା ବା ସତ୍ୱାଧିକାରୀ ବା ମାଲିକ, ଲିଜ୍‌ଦାତା ବା ସତ୍ୱାଧିକାରୀଙ୍କର ଏଜେଣ୍ଟଙ୍କୁ ଏହାକୁ ଫେରସ୍ତ ଦିଆଇବେ, ଏବଂ ତତ୍ ସହିତ ଏକ ନିର୍ଦ୍ଦେଶନାମା ଜାରି କରିବେ ଯେ ଉକ୍ତ ଗୃହ, କୋଠରୀ, ସ୍ଥାନ ବା ଏହାର ଅଂଶବିଶେଷକୁ ସେହିଭଳି ବ୍ୟକ୍ତିଙ୍କୁ ବା ସେହିଭଳି ବ୍ୟକ୍ତିଙ୍କର ସ୍ୱାର୍ଥରେ ଲିଜ୍ ବା ଅନ୍ୟ କୌଣସି ସୂତ୍ରରେ ଦଖଲର ହସ୍ତାନ୍ତର କରାଯିବ ନାହିଁ, ଯେଉଁ ବ୍ୟକ୍ତି ତହିଁର ଦୁରୁପଯୋଗକୁ ପ୍ରଶ୍ରୟ ଦେଇ ଆସୁଥିଲେ ।

(୨) ଅଦାଲତ ଜଣେ ବ୍ୟକ୍ତିଙ୍କୁ ଧାରା ୩ ବା ଧାରା ୭ ଅଧୀନରେ ଦୋଷୀ-ସାବ୍ୟସ୍ତ କଲାବେଳେ ଉକ୍ତ ବ୍ୟକ୍ତିଙ୍କୁ ଉପଧାରା (୧) ଅନୁଯାୟୀ ଆଦେଶ ଜାରି କରିପାରିବେ କିନ୍ତୁ ସେହି ଉପଧାରା ଅଧୀନରେ ଆବଶ୍ୟକ ହେଉଥିବା କାରଣ ଦର୍ଶାଅ ନୋଟିସ୍ ଉକ୍ତ ବ୍ୟକ୍ତିଙ୍କ ନିକଟକୁ ପୁଣି ପଠାଇବାକୁ ପଡିବନି ।

(୩) ଉପଧାରା (୧) ବା (୨) ଅଧୀନରେ ମାଜିଷ୍ଟ୍ରେଟ୍ ବା ଅଦାଲତଙ୍କ ଦ୍ୱାରା ଜାରି ହେଉଥିବା ଆଦେଶଗୁଡିକ ବିରୁଦ୍ଧରେ ଅପିଲ୍ କରାଯାଇପାରିବ ନାହିଁ, ଏବଂ ସେଗୁଡିକୁ କୌଣସି ଦେଓ୍ୱାନି କିମ୍ବା ଫୌଜଦାରୀ ଅଦାଲତର ଆଦେଶ ବଳରେ ସ୍ଥଗିତ ବା ରଦ୍ଦ କରାଯାଇପାରିବ ନାହିଁ ଏବଂ ଉକ୍ତ ଆଦେଶାବଳୀ ଯଥାସ୍ଥିତି ୧ବର୍ଷ ବା ୩ବର୍ଷ ଅତିକ୍ରାନ୍ତ ହେବାପରେ ବିଧିମାନ୍ୟତା ହରାଇବ ।

ପରନ୍ତୁ, ଯେଉଁସ୍ଥଳେ ଅପିଲ୍ ଯୋଗୁଁ ଧାରା ୩ ବା ଧାରା ୭ ଅଧୀନରେ କୌଣସି ଦୋଷସିଦ୍ଧିକୁ ଏହି କାରଣ ଭିତ୍ତିରେ ରଦ୍ଦ କରାଯାଇଥାଏ ଯେ, ଉକ୍ତ ଗୃହ, କୋଠରୀ, ସ୍ଥାନ ବା ଅଂଶବିଶେଷ ଏକ ବେଶ୍ୟାଳୟ ଭାବେ ପରିଚାଳିତ ବା ବ୍ୟବହୃତ ହେଉନାହିଁ ବା ବେଶ୍ୟାମାନେ ସେମାନଙ୍କର ବ୍ୟବସାୟ ପାଇଁ ଏହାକୁ ବ୍ୟବହାର କରୁନାହାନ୍ତି, ତେବେ ଉପଧାରା (୧) ଅଧୀନରେ ବିଚାରକାରୀ ଅଦାଲତ ଦ୍ୱାରା ଜାରି ହୋଇଥିବା ଆଦେଶ ମଧ୍ୟ ରଦ୍ଦ ହୋଇଯିବ ।

(୪) ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୋଣସି ଆଇନ୍‌ରେ ଯାହାକିଛି ବ୍ୟବସ୍ଥା ଥାଉନା କାହିଁକି, ଯେଉଁସ୍ଥଳେ ଜଣେ ମାଜିଷ୍ଟ୍ରେଟ୍ ଉପଧାରା (୧) ମତେ ବା ଗୋଟିଏ ଅଦାଲତ ଉପଧାରା (୨) ମତେ କୌଣସି ଆଦେଶ ଜାରି କରିଥିବେ, ସେପରି ସ୍ଥଳେ ସଂପୃକ୍ତ ଗୃହ, କୋଠରୀ, ସ୍ଥାନ ବା ଅଂଶବିଶେଷ ଯେଉଁ ଲିଜ୍ ବା ଚୁକ୍ତିନାମା ବଳରେ ସେହି ସମୟରେ ଦଖଲାଧୀନ ଥିବ, ତାହା ଅସିଦ୍ଧ ଓ ଅକାମୀ ହୋଇଯିବ ।

(୫) ଜଣେ ମାଲିକ, ଲିଜ୍‌ଦାତା ବା ସତ୍ତ୍ୱାଧିକାରୀ ବା ସେହି ମାଲିକ, ଲିଜ୍‌ଦାତା ବା ସତ୍ତ୍ୱାଧିକାରୀଙ୍କର ଏଜେଣ୍ଟ ଯେଉଁସ୍ଥଳେ ଉପଧାରା (୧)ର ଅଣ-ଉପଧାରା (ବି) ମତେ ତାଙ୍କୁ ଦିଆଯାଇଥିବା ନିର୍ଦ୍ଦେଶକୁ ଅନୁପାଳନ କରିବାରେ ବ୍ୟର୍ଥ ହୁଅନ୍ତି, ସେପରି ସ୍ଥଳେ ସେ ସର୍ବାଧିକ ପାଞ୍ଚଶତ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ

ହେବେ ଏବଂ ଯେଉଁସ୍ଥଳେ ଉକ୍ତ ଉପଧାରାର ପରନ୍ତୁକ ଅଧୀନରେ ଦିଆଯାଇଥିବା ନିର୍ଦ୍ଦେଶକୁ ଅନୁପାଳନ କରିବାରେ ବ୍ୟର୍ଥ ହୁଅନ୍ତି, ତେବେ ସେ ଯଥାସ୍ଥିତି ଧାରା ୩ ଅଧୀନସ୍ଥ ଉପଧାରା (୨)ର ଅଣ-ଉପଧାରା (ବି), ବା ଧାରା ୭ ଅଧୀନସ୍ଥ ଉପଧାରା(୨)ର ଅଣ-ଉପଧାରା (ସି) ଅଧୀନରେ ଏକ ଅପରାଧ ଘଟାଇଛନ୍ତି ବୋଲି ବିବେଚନା କରାଯିବ ଏବଂ ତଦନୁଯାୟୀ ସେ ଦଣ୍ଡିତ ହେବେ।

**୧୯. ସୁରକ୍ଷା ଗୃହରେ ଆଶ୍ରୟ ପାଇଁ ଆବେଦନ ବା ଅଦାଲତ ଦ୍ୱାରା ଯତ୍ନ ଓ ସୁରକ୍ଷା ପ୍ରଦାନ-**

(୧) ବେଶ୍ୟାବୃତ୍ତି କରୁଥିବା ବା ବେଶ୍ୟାବୃତ୍ତିରେ ନିୟୋଜିତ କରାଯାଇଥିବା ଜଣେ ବ୍ୟକ୍ତି ଯେଉଁ ଅଞ୍ଚଳରେ ଏତାଦୃଶ ବେଶ୍ୟାବୃତ୍ତି କରୁଛନ୍ତି ବା ବେଶ୍ୟାବୃତ୍ତିରେ ନିୟୋଜିତ ଅଛନ୍ତି, ସେହି ଅଞ୍ଚଳ ଉପରେ କ୍ଷେତ୍ରାଧିକାର ବହନ କରୁଥିବା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ନିଜ ପାଇଁ ଏକ ଆବେଦନ କରି ପାରନ୍ତି ଯେ,

(ଏ) ତାଙ୍କୁ ଏକ ସୁରକ୍ଷା ଗୃହରେ ରଖାଯାଉ, ବା

(ବି) ଉପଧାରା ୩ରେ ବିନିର୍ଦ୍ଦିଷ୍ଟ ହୋଇଥିବା ମତେ ଅଦାଲତଙ୍କ ଦ୍ୱାରା ତାଙ୍କୁ ଯତ୍ନ ଓ ସୁରକ୍ଷା ଯୋଗାଇ ଦିଆଯାଉ।

(୨) ଉପଧାରା ୩ ମତେ ଚାଲୁଥିବା ତଦନ୍ତ ଅସମାପ୍ତ ଥିଲେ ମାମଲାର ସ୍ଥିତିସମୂହକୁ ଦୃଷ୍ଟିରେ ରଖି ମାଜିଷ୍ଟ୍ରେଟ୍ ନିଜେ ଉପଯୁକ୍ତ ମନେ କରୁଥିବା ଏକ ହେପାଜତ୍ ଅଧୀନରେ ଉକ୍ତ ବ୍ୟକ୍ତିଙ୍କୁ ରଖାଇବା ପାଇଁ ନିର୍ଦ୍ଦେଶ ଦେଇ ପାରନ୍ତି।

(୩) ଆବେଦକଙ୍କୁ ଶୁଣାଣି କରି, ଏବଂ ଆବେଦକଙ୍କ ବ୍ୟକ୍ତିତ୍ୱ, ଘରର ଅବସ୍ଥା, ତଥା ଆବେଦକଙ୍କ ସମ୍ଭାବ୍ୟ ଥଇଥାନ ସମ୍ପର୍କରେ ଅପରାଧୀଙ୍କ ପରଖକାଳ ଆଇନ୍ ୧୯୫୮ (୧୯୫୮ର ଆଇନ୍ ସଂଖ୍ୟା ୨୦) ଅଧୀନରେ ନିଯୁକ୍ତ ପରଖ ଅଧିକାରୀଙ୍କ ଦ୍ୱାରା ଅନୁସନ୍ଧାନ ସମେତ ସେ ନିଜେ ଆବଶ୍ୟକ ମନେ କରୁଥିବା ଅନୁସନ୍ଧାନ କରି ଯଦି ମାଜିଷ୍ଟ୍ରେଟ୍ ହୃଦ୍‌ବୋଧ କରନ୍ତି ଯେ, ଏହି ଧାରା ଅଧୀନରେ ଏକ ଆଦେଶ ଜାରି ହେବା ଆବଶ୍ୟକ, ତେବେ ସେ ଲିଖିତ ଭାବେ କାରଣଗୁଡିକୁ ଦର୍ଶାଇ ଏକ ଆଦେଶ ଦେବେ ଯେ ଆବେଦକଙ୍କୁ ନିମ୍ନୋକ୍ତ ସ୍ଥାନରେ ରଖାଯାଇ ପାରେ-

୧. ଏକ ସୁରକ୍ଷା ଗୃହରେ, ବା

୨. ଏକ ସଂଶୋଧକ ସଂସ୍ଥାରେ, ବା

୩. ଆଦେଶରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟ ଅବଧି ପାଇଁ ସେହି ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ, ଯାହାଙ୍କୁ ମାଜିଷ୍ଟ୍ରେଟ୍ ନିଯୁକ୍ତ କରିଥିବେ।

**୨୦. ଯେ କୌଣସି ସ୍ଥାନରୁ ବେଶ୍ୟାଙ୍କୁ ବହିଷ୍କାର କରିବା -**

(୧) ମାଜିଷ୍ଟ୍ରେଟ୍ ଯଦି ସୂଚନା ପାଆନ୍ତି ଯେ, ନିଜର କ୍ଷେତ୍ରାଧିକାରର ଆଞ୍ଚଳିକ ପରିସୀମା ଭିତର ଅନ୍ତର୍ଭୁକ୍ତ ଏକ ସ୍ଥାନରେ ବାସ କରୁଥିବା ବା ଘନଘନ ଯାତାୟତ କରୁଥିବା ଜଣେ ବ୍ୟକ୍ତି ଗୋଟିଏ ବେଶ୍ୟା, ତେବେ ସେ ପ୍ରାପ୍ତ ସୂଚନାର ଏକ ସାରାଂଶକୁ ଲିପିବଦ୍ଧ କରିପାରନ୍ତି ଏବଂ ଉକ୍ତ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ସାମନାରେ ହାଜର୍ ହେବା ସହିତ ଏ ବିଷୟର କାରଣ ଦର୍ଶାଅ ବୋଲି ନୋଟିସ୍ ଜାରି କରିପାରନ୍ତି ଯେ, ଉକ୍ତ ସ୍ଥାନରୁ ସେ କାହିଁକି ନିଜକୁ

ଅପସାରଣ କରିବେ ନାହିଁ ଏବଂ ଉକ୍ତ ସ୍ଥାନକୁ ପୁନଃ-ପ୍ରବେଶ କରିବାକୁ କାହିଁକି ତାହାଙ୍କୁ ନିଷେଧ କରାଯିବ ନାହିଁ।

(୨) ଉପଧାରା(୧) ଅନୁଯାୟୀ ଜାରି ହୋଇଥିବା ପ୍ରତ୍ୟେକ ନୋଟିସ୍ ସହ ଉପରୋକ୍ତ ରେକର୍ଡର ଏକକିତା ନକଲ ସଂଲଗ୍ନ ହୋଇଥିବ ଏବଂ ଯାହାଙ୍କ ବିରୁଦ୍ଧରେ ନୋଟିସ୍ ଜାରି ହୋଇଛି, ତାଙ୍କୁ ନୋଟିସ୍ ସହିତ ଉକ୍ତ ରେକର୍ଡର ଏକ କିତା ନକଲ ଦିଆଯିବ।

(୩) ଉପଧାରା (୨)ରେ ସୂଚୀତ ହୋଇଥିବା ନୋଟିସ୍ ଜାରି କରାଯିବା ପରେ ମାଜିଷ୍ଟ୍ରେଟ୍ ସଂପୃକ୍ତ ସୂଚନାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ପଦକ୍ଷେପ ଗ୍ରହଣ କରିବେ ଏବଂ ଉକ୍ତ ବ୍ୟକ୍ତିଙ୍କୁ ନିଜର ସାକ୍ଷ୍ୟ-ପ୍ରମାଣ ଦାଖଲ ପାଇଁ ସୁଯୋଗ ଦେବାପରେ ନିଜେ ଆବଶ୍ୟକ ମନେ କରୁଥିବା ଅନ୍ୟାନ୍ୟ ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରିବେ, ଏବଂ ଏତାଦୃଶ ଅନୁସନ୍ଧାନ ଫଳରେ ଯଦି ତାଙ୍କୁ ପ୍ରତୀୟମାନ ହୁଏ ଯେ ଉକ୍ତ ବ୍ୟକ୍ତି ଜଣେ ବେଶ୍ୟା ଏବଂ ସର୍ବସାଧାରଣ ସ୍ୱାର୍ଥ ଦୃଷ୍ଟିରୁ  ସଂପୃକ୍ତ ବ୍ୟକ୍ତି ନିଜକୁ ଉକ୍ତ ସ୍ଥାନରୁ ଅପସାରଣ କରିନେବା ଆବଶ୍ୟକ ତଥା ସେହି ସ୍ଥାନକୁ ପୁନଃପ୍ରବେଶ ପାଇଁ ତାହାକୁ ନିଷେଧ କରାଯିବା ଆବଶ୍ୟକ, ତେବେ ମାଜିଷ୍ଟ୍ରେଟ୍ ଏକ ଲିଖିତ ଆଦେଶ ସେହି ବ୍ୟକ୍ତିଙ୍କୁ ତହିଁରେ ସୂଚୀତ ହୋଇଥିବା ପଦ୍ଧତିରେ ଜାରି କରିବେ ଯେ, ଉକ୍ତ ବ୍ୟକ୍ତି ସେହି ନିର୍ଦ୍ଦିଷ୍ଟ ତାରିଖ (ଆଦେଶରେ ସୂଚୀତ ହୋଇଥିବା ମତେ), ଯାହାକି ଆଦେଶର ତାରିଖ ଠାରୁ ୭ଦିନ କମ୍ ହୋଇନଥିବ, ଭିତରେ ଆଦେଶରେ ବିନିର୍ଦ୍ଦିଷ୍ଟ ହୋଇଥିବା ମତେ ସଂପୃକ୍ତ ସ୍ଥାନରୁ ମାଜିଷ୍ଟ୍ରେଟ୍‌ଙ୍କ ସ୍ଥାନୀୟ କ୍ଷେତ୍ରାଧିକାରର ପରିସୀମା ଭିତରେ ବା ବାହାରେ ଅବସ୍ଥିତ ହୋଇଥିବା ଆଉ ଏକ ସ୍ଥାନକୁ, କୌଣସି ଏକ ବା ଏକାଧିକ ରାସ୍ତା ଦେଇ ନିଜକୁ ଅପସାରଣ କରିନେବେ ଏବଂ ସଂପୃକ୍ତ ସ୍ଥାନ ଉପରେ କ୍ଷେତ୍ରାଧିକାର ଥିବା ମାଜିଷ୍ଟ୍ରେଟ୍‌ଙ୍କ ଲିଖିତ ଅନୁମତି ବିନା ଉକ୍ତ ସ୍ଥାନରେ ସେହି ବ୍ୟକ୍ତିଙ୍କର ପୁନଃପ୍ରବେଶ ଏତଦ୍ୱାରା ନିଷିଦ୍ଧ କରାଯାଉଛି।

(୪) ଯଦି କୌଣସି ବ୍ୟକ୍ତି-

ଏ. ଏହି ଧାରା ଅଧୀନରେ ଜାରି କରାଯାଇଥିବା ଏକ ଆଦେଶକୁ ଅନୁପାଳନ କରିବାରେ ବ୍ୟର୍ଥ ହୁଅନ୍ତି, ବା ବିନା ଅନୁମତିରେ ସଂପୃକ୍ତ ସ୍ଥାନରେ ତାଙ୍କର ପୁନଃପ୍ରବେଶକୁ ନିଷିଦ୍ଧ କରିଥିବା ଏକ ଆଦେଶ ବଳବତ୍ତର ଥିବା ସତ୍ତ୍ୱେ ଉପରୋକ୍ତ ମତେ ଅନୁମତି ନନେଇ ସେହି ସ୍ଥାନରେ ପୁନଃ ପ୍ରବେଶ କରନ୍ତି, ଏବଂ ଜାଣିଥାନ୍ତି ଯେ, ସଂପୃକ୍ତ ବ୍ୟକ୍ତିଙ୍କୁ ଉକ୍ତ ସ୍ଥାନରୁ ନିଜକୁ ଅପସାରଣ କରିନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ସେହି ବ୍ୟକ୍ତି ପୁନଃପ୍ରବେଶ ପାଇଁ ଆବଶ୍ୟକୀୟ ଅନୁମତି ହାସଲ କରିନାହାନ୍ତି, ଅଥଚ ସେହି ବ୍ୟକ୍ତିଙ୍କୁ ଉକ୍ତ ସ୍ଥାନରେ ଆଶ୍ରୟ ଦିଅନ୍ତି ବା ଲୁକ୍‌କାୟିତ ରଖନ୍ତି,

ବି. ତେବେ ସେ ସର୍ବାଧିକ ଦୁଇଶହ ଟଙ୍କା ଯାଏଁ ଜୋରିମାନାରେ ଦଣ୍ଡିତ ହେବେ ଏବଂ ଯେଉଁସ୍ଥଳେ ଏହା ଏକ ପୂର୍ବରୁ ଅବ୍ୟାହତ ଥିବା ଅପରାଧ ହୋଇଥିବ, ସେପରି ସ୍ଥଳେ ତାଙ୍କୁ ଏକ ଅତିରିକ୍ତ ଜୋରିମାନାରେ ଦଣ୍ଡିତ ହେବାକୁ  ପଡିବ, ଯାହାକି ପ୍ରଥମେ ଅପରାଧ କଲାପରେ ଯେଉଁ ସମୟ ଅବଧି ପାଇଁ ସେ ଲଗାତାର ଅପରାଧ କରିଚାଲିଥିବେ, ସେଥିପାଇଁ ସର୍ବାଧିକ ଦୈନିକ କୋଡିଏ ଟଙ୍କା।

## ୨୧. ସୁରକ୍ଷା ଗୃହ-

(୧) ରାଜ୍ୟ ସରକାର ଯଦି ନିଜେ ଚାହିଁବେ, ନିଜ ବିଚାର ଅନୁଯାୟୀ ଯଥା ସମ୍ଭବ ଅଧିକ ସଂଖ୍ୟାରେ ସୁରକ୍ଷା ଗୃହ ଏବଂ ସଂସ୍କାର ସଂସ୍ଥା ପ୍ରତିଷ୍ଠା କରିପାରିବେ, ଏବଂ ସେହି ଗୃହ ଏବଂ ସଂସ୍ଥାଗୁଡିକ ପ୍ରତିଷ୍ଠା ଲାଭ କଲାପରେ ସେଗୁଡିକର ରକ୍ଷଣାବେକ୍ଷଣ ସେହି ପଦ୍ଧତିରେ କରାଯିବ, ଯାହାକି ବିହିତ ହୋଇପାରେ।

(୨) ଏହି ଆଇନ୍ ଲାଗୁ ହେବା ପର ଠାରୁ ଏହି ଧାରା ଅଧୀନରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଲାଇସେନ୍ସ ବିନା ବା ରାଜ୍ୟ ସରକାରଙ୍କ ପ୍ରଦତ୍ତ ଲାଇସେନ୍ସର ସର୍ତ୍ତାବଳୀର ଅନୁପାଳନ ବିନା କେବଳ ରାଜ୍ୟ ସରକାରଙ୍କ ବ୍ୟତିରେକ ଅନ୍ୟ କୌଣସି ବ୍ୟକ୍ତି ବା କର୍ତ୍ତୃପକ୍ଷ କୌଣସି ସୁରକ୍ଷା ଗୃହ ବା ସଂସ୍କାର ସଂସ୍ଥା ପରିଚାଳନା କରିପାରିବେ ନାହିଁ ।

(୩) ରାଜ୍ୟ ସରକାର କୌଣସି ବ୍ୟକ୍ତି ବା କର୍ତ୍ତୃପକ୍ଷଙ୍କ ଠାରୁ ଏହି ଉଦ୍ଦେଶ୍ୟରେ ଏକ ଆବେଦନ ପାଇବା ପରେ ଏକ ବିହିତ ଫର୍ମରେ ଉକ୍ତ ବ୍ୟକ୍ତି ବା କର୍ତ୍ତୃପକ୍ଷଙ୍କୁ ସୁରକ୍ଷା ଗୃହ ବା ସଂସ୍କାର ସଂସ୍ଥାର ପ୍ରତିଷ୍ଠା ଏବଂ ରକ୍ଷଣାବେକ୍ଷଣ ପାଇଁ ବା ଯଥାସ୍ଥିତି ରକ୍ଷଣାବେକ୍ଷଣ ପାଇଁ ଲାଇସେନ୍ସ ପ୍ରଦାନ କରିପାରନ୍ତି ଏବଂ ଏଭଳି ପ୍ରଦାନ କରାଯାଇଥିବା ଏକ ଲାଇସେନ୍ସ ରେ ରାଜ୍ୟ ସରକାର ସେହିସବୁ ସର୍ତ୍ତାବଳୀକୁ ସ୍ଥାନିତ କରିପାରନ୍ତି ଯାହା କି ସେ ଏହି ଆଇନ୍ ଅଧୀନରେ ପ୍ରଣୀତ ନିୟମାବଳୀ ଅନୁଯାୟୀ ଉପଯୁକ୍ତ ବୋଲି ମନେ କରନ୍ତି :

ପରନ୍ତୁ, ଉକ୍ତ ସୁରକ୍ଷାଗୃହ ବା ସଂସ୍କାର ସଂସ୍ଥାର ପରିଚାଳନା ଯେଉଁସ୍ଥଳେ ସମ୍ଭବ ସେପରି ସ୍ଥଳେ ମହିଳାମାନଙ୍କ ଉପରେ ନ୍ୟସ୍ତ କରାଯିବା ଆବଶ୍ୟକ ବୋଲି ଏକ ସର୍ତ୍ତ ରଖାଯାଇପାରେ :

ପୁଣି ପରନ୍ତୁ, ଏହି ଆଇନ୍‌ର ପ୍ରାରମ୍ଭ କାଳରେ ଯେଉଁ ବ୍ୟକ୍ତି ବା କର୍ତ୍ତୃପକ୍ଷ କୌଣସି ସୁରକ୍ଷା ଗୃହର ପରିଚାଳନା କରୁଥିବେ, ସେମାନଙ୍କୁ ଏତାଦୃଶ ଲାଇସେନ୍ସ ପାଇଁ ଆବେଦନ କରିବା ସକାଶେ ଆଇନ୍‌ର ପ୍ରାରମ୍ଭ ଠାରୁ ଛ ମାସ ପର୍ଯ୍ୟନ୍ତ ସମୟ ଦିଆଯିବ :

ପୁଣି ମଧ୍ୟ ପରନ୍ତୁ, ଯେଉଁ ବ୍ୟକ୍ତି ବା କର୍ତ୍ତୃପକ୍ଷ ମହିଳା ଓ ବାଳିକାମାନଙ୍କ ଅନୈତିକ ଚାଲାଣ ଦମନ (ସଂଶୋଧନ) ଆଇନ୍, ୧୯୭୮ (୧୯୭୮ର ଆଇନ୍ ସଂଖ୍ୟା ୪୬)ର ପ୍ରାରମ୍ଭ କାଳରେ କୌଣସି ସଂସ୍କାର ସଂସ୍ଥା ପରିଚାଳନା କରୁଥିବେ, ସେମାନଙ୍କୁ ଏତାଦୃଶ ଲାଇସେନ୍ସ ପାଇଁ ଆବେଦନ କରିବା ସକାଶେ ଉକ୍ତ ପ୍ରାରମ୍ଭ ତାରିଖ ଠାରୁ ଛଅ ମାସ ସମୟ ଦିଆଯିବ ।

(୪) ଉକ୍ତ ଲାଇସେନ୍ସ ନିର୍ଗମନ କରିବା ପୂର୍ବରୁ ସଂପୃକ୍ତ ଉଦ୍ଦେଶ୍ୟରେ ପ୍ରାପ୍ତ ଆବେଦନ ଉପରେ ରାଜ୍ୟ ସରକାର ଏହି ଉଦ୍ଦେଶ୍ୟରେ ନିଯୁକ୍ତ କରିଥିବା ଅଧିକାରୀଙ୍କ ମାଧ୍ୟମରେ ଏକ ସଂପୂର୍ଣ୍ଣ ଏବଂ ସାମଗ୍ରୀକ ଅନୁସନ୍ଧାନ କରାଇବାର ଆବଶ୍ୟକ ଅନୁଭବ କରିପାରନ୍ତି, ଏବଂ ଉକ୍ତ ଅଧିକାରୀ ଅନୁସନ୍ଧାନର ଫଳାଫଳ ସମ୍ବନ୍ଧରେ ଏକ ରିପୋର୍ଟ ଦାଖଲ କରିବେ ଏବଂ ଉକ୍ତ ଅନୁସନ୍ଧାନ ଅଧିକାରୀ ଏତାଦୃଶ ଅନୁସନ୍ଧାନ କରୁଥିବା ବେଳେ ସେହି କାର୍ଯ୍ୟବିଧି ଅନୁସରଣ କରିବେ, ଯାହା କି ବିହିତ ହୋଇପାରେ ।

(୫) ଯଦି ଗୋଟିଏ ଲାଇସେନ୍ସକୁ ଏହାର ଅବଧି ପୂରିବା ପୂର୍ବରୁ ରଦ୍ଦ କରାଯାଇ ନଥାଏ, ତେବେ ତାହା ସେହି ଅବଧି ପାଇଁ ବଳବତ୍ତର ରହିବ, ଯାହାକି ଲାଇସେନ୍ସରେ ବିହିତ ହୋଇ ଥାଇପାରେ ଏବଂ ଅବଧି ପୂରିବା ତାରିଖର ଅନ୍ତତଃ ତିରିଶ ଦିନ ପୂର୍ବରୁ ଯଥା ଉଦ୍ଦେଶ୍ୟରେ ଦାଖଲ କରାଯାଇଥିବା ଏକ ଆବେଦନକୁ ଏକ ସମାନ ଅବଧି ପାଇଁ ନବୀକରଣ କରାଯାଇପାରେ ।

(୬) ଏହି ଆଇନ୍ ଅଧୀନରେ ନିର୍ଗମନ ବା ନବୀକରଣ କରାଯାଇଥିବା ଏକ ଲାଇସେନ୍ସ ହସ୍ତାନ୍ତରଯୋଗ୍ୟ ନୁହେଁ ।

(୭) ଏହି ଆଇନ୍ ଅନୁଯାୟୀ ଯେଉଁ ବ୍ୟକ୍ତି ବା କର୍ତ୍ତୃପକ୍ଷଙ୍କୁ ଲାଇସେନ୍ସ ମଞ୍ଜୁର କରାଯାଇଛି, ସେ ବା ଉକ୍ତ ବ୍ୟକ୍ତି ବା କର୍ତ୍ତୃପକ୍ଷଙ୍କର ଜଣେ ଏଜେଣ୍ଟ ବା କର୍ମଚାରୀ ଯଦି ତହିଁର କୌଣସି ସର୍ତ୍ତ ବା ଆଇନ୍‌ର କୌଣସି ବ୍ୟବସ୍ଥା ବା ଏହି ଆଇନ୍ ଅଧୀନରେ ପ୍ରଣୀତ କୌଣସି ନିୟମାବଳୀର ଉଲ୍ଲଂଘନ ଘଟାନ୍ତି, ଅଥବା ଯେଉଁସ୍ଥଳେ ଗୋଟିଏ ସୁରକ୍ଷା ଗୃହ ବା ସଂସ୍କାର ସଂସ୍ଥାର ସ୍ଥିତି, ପରିଚାଳନା ବା ତତ୍ତ୍ୱବଧାନ ଉପରେ ରାଜ୍ୟ ସରକାର ସନ୍ତୁଷ୍ଟ ନୁହଁନ୍ତି,

ତେବେ ରାଜ୍ୟ ସରକାର ଏହି ଆଇନ୍ ଅଧୀନରେ ଜାରି ହୋଇଥିବା ଅନ୍ୟ କୌଣସି ଦଣ୍ଡାଦେଶକୁ ପ୍ରତିହତ ନ କରି, ସଂପୃକ୍ତ କାରଣମାନ ଲିପିବଦ୍ଧ କରି ଏକ ଲିଖିତ ଆଦେଶ ବଳରେ ଉକ୍ତ ଲାଇସେନ୍ସକୁ ପ୍ରତ୍ୟାହାର କରି ନେଇପାରନ୍ତି ।

ପରନ୍ତୁ, କାହିଁକି ଲାଇସେନ୍ସ ପ୍ରତ୍ୟାହାର କରାଯିବ ନାହିଁ, ସେ ବିଷୟରେ କାରଣ ଦର୍ଶାଇବା ପାଇଁ ଲାଇସେନ୍ସ-ଧାରୀଙ୍କୁ ଏକ ସୁଯୋଗ ଦିଆନଯାଇ ଏପରି ଆଦେଶ ଜାରି କରାଯାଇ ପାରିବ ନାହିଁ ।

(୮) ଯେଉଁସ୍ଥଳେ ପୂର୍ବବର୍ତ୍ତୀ ଧାରା ଅଧୀନରେ ସଂପୃକ୍ତ ସୁରକ୍ଷା ଗୃହ ବା ସଂସ୍କାର ସଂସ୍ଥାଠାରୁ ଲାଇସେନ୍ସ ପ୍ରତ୍ୟାହାର କରାଯାଇଛି, ସେପରି ସ୍ଥଳେ ଉକ୍ତ ସୁରକ୍ଷା ଗୃହ ଲାଇସେନ୍ସ ପ୍ରତ୍ୟାହାର ତାରିଖ ଠାରୁ କାର୍ଯ୍ୟକରିବାରୁ ନିବୃତ୍ତ ରହିବ ।

(୯) ଏହି ଉଦ୍ଦେଶ୍ୟରେ ପ୍ରଣୀତ ନିୟମାବଳୀ ଅଧୀନରେ ରହି ରାଜ୍ୟ ସରକାର ଏହି ଆଇନ୍ ବଳରେ ନିର୍ଗମନ ବା ନବୀକରଣ କରାଯାଇଥିବା କୌଣସି ଏକ ଲାଇସେନ୍ସର ପରିବର୍ତ୍ତନ ବା ସଂଶୋଧନ କରିପାରନ୍ତି ।

(୯-ଏ) ସଂପୃକ୍ତ ଉଦ୍ଦେଶ୍ୟରେ ପ୍ରଣୀତ ନିୟମାବଳୀ ଅଧୀନରେ ରହି ରାଜ୍ୟ ସରକାର ବା ଏହି ଉଦ୍ଦେଶ୍ୟରେ ତାଙ୍କ ଦ୍ୱାରା କର୍ତ୍ତୃତ୍ୱପ୍ରାପ୍ତ ହୋଇଥିବା କୌଣସି କର୍ତ୍ତୃପକ୍ଷ ଗୋଟିଏ ସୁରକ୍ଷା ଗୃହର ଜଣେ ଅନ୍ତେବାସୀଙ୍କୁ ଅନ୍ୟ ଏକ ସୁରକ୍ଷା ଗୃହ ବା ଏକ ସଂସ୍କାର ସଂସ୍ଥାକୁ ତଥା ଗୋଟିଏ ସଂସ୍କାର ସଂସ୍ଥାର ଜଣେ ଅନ୍ତେବାସୀଙ୍କୁ ଅନ୍ୟ ଏକ ସଂସ୍କାର ସଂସ୍ଥା ବା ଏକ ସୁରକ୍ଷା ଗୃହକୁ ବଦଳି କରିପାରନ୍ତି, ଏବଂ ଯେଉଁସ୍ଥଳେ ବଦଳି ହେବାକୁ ଥିବା ବ୍ୟକ୍ତିର ଚାଲିଚଳନ, ତାଙ୍କ ପାଇଁ ଆବଶ୍ୟକ ପଡୁଥିବା ପ୍ରଶିକ୍ଷଣ ତଥା ସଂପୃକ୍ତ କେଶ୍‌ର ଅନ୍ୟାନ୍ୟ ଦିଗଗୁଡିକୁ ଯଥୋଚିତ ଭାବେ ବିଚାର କରାଯାଇଛି:

ପରନ୍ତୁ-

ଏ. ଏହି ଉପଧାରା ଅଧୀନରେ ଅନ୍ୟ ଏକ ଗୃହ ବା ସଂସ୍ଥାକୁ ବଦଳି ହୋଇଥିବା ଜଣେ ଅନ୍ତେବାସୀ ସେଠାରେ ଏଭଳି ଏକ ଅବଧି ଠାରୁ ଅଧିକ କାଳ ରହିବା ଅନାବଶ୍ୟକ, ଯେଉଁ ଅବଧି ପାଇଁ ସେ ସେହି ଗୃହ ବା ସଂସ୍ଥା, ଯେଉଁଠାରୁ କି ସେ ବଦଳି ହୋଇ ଆସିଲେ, ସେଠାରେ ତାଙ୍କର ରହିବା ଆବଶ୍ୟକ ଥିଲା;

ବି. ଏହି ଉପଧାରା ଅଧୀନରେ ପ୍ରତ୍ୟେକ ବଦଳି ଆଦେଶରେ ସଂପୃକ୍ତ କାରଣମାନ ଲିପିବଦ୍ଧ କରାଯିବ ।

(୧୦) ଏହି ଧାରାର ବ୍ୟବସ୍ଥାଗୁଡିକୁ ଅନୁସରଣ କରିବା ବ୍ୟତିରେକ, କେହି ଯଦି ଏକ ସୁରକ୍ଷା ଗୃହ ବା ସଂସ୍କାର ସଂସ୍ଥା ସ୍ଥାପନ ବା ପରିଚାଳନା କରନ୍ତି, ସେ ପ୍ରଥମ ଥର ଅପରାଧ ପାଇଁ ସର୍ବାଧିକ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଏବଂ ଦ୍ୱିତୀୟ ବା ତତ୍‌ପରବର୍ତ୍ତୀ ଅପରାଧ ପାଇଁ ସର୍ବାଧିକ ଏକବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବା ସର୍ବାଧିକ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବା ଉଭୟ ଦଣ୍ଡରେ ଦଣ୍ଡନୀୟ ।

### ୨୧(ଏ). ରେକର୍ଡ଼ଗୁଡିକୁ ଦାଖଲ କରିବା-

ପ୍ରତି ବ୍ୟକ୍ତି ବା କର୍ତ୍ତୃପକ୍ଷ, ଯେ କି ଧାରା୨୧ର ଉପଧାରା(୩) ମତେ କୌଣସି ସୁରକ୍ଷା ଗୃହ ବା ସଂସ୍କାର ସଂସ୍ଥାର ସ୍ଥାପନା ବା ରକ୍ଷଣାବେକ୍ଷଣ, ବା ଯଥାସ୍ଥିତି କୌଣସି ସୁରକ୍ଷା ଗୃହ ବା ସଂସ୍କାର ସଂସ୍ଥାର ରକ୍ଷଣାବେକ୍ଷଣ ପାଇଁ ଲାଇସେନ୍ସ ପାଇଛନ୍ତି, ସେମାନେ ଅଦାଲତ ତଲବ କରିବା ମାତ୍ରେ ଉକ୍ତ ସୁରକ୍ଷା ଗୃହ ବା ସଂସ୍କାର ସଂସ୍ଥା ଦ୍ୱାରା ଅନୁରକ୍ଷିତ ହେଉଥିବା ରେକର୍ଡ଼ପତ୍ର ଓ ଅନ୍ୟାନ୍ୟ କାଗଜାଦିକୁ ସଂପୃକ୍ତ ଅଦାଲତଙ୍କ ସାମନାରେ ଦାଖଲ କରିବେ ।

## ୨୨. ବିଚାର-

ଧାରା ୩, ୪, ୫, ୬, ୭ ବା ୮ ଅଧୀନରେ ସଂଘଟିତ ଏକ ଅପରାଧକୁ ଏପରି କୌଣସି ଅଦାଲତ ବିଚାର କରିବେ ନାହିଁ, ଯେ କି ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ପ୍ରଥମ ଶ୍ରେଣୀର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ନ୍ୟୁନ ହୋଇଥିବେ ।

## ୨୨-ଏ.ସ୍ୱତନ୍ତ୍ର ଅଦାଲତମାନ ସ୍ଥାପନା ପାଇଁ କ୍ଷମତା-

(୧) କୌଣସି ଜିଲ୍ଲା ବା ମହାନଗର ଅଞ୍ଚଳରେ ଏହି ଆଇନ୍ ଅଧୀନରେ ସଂଘଟିତ ଅପରାଧଗୁଡ଼ିକର ତ୍ୱରାନ୍ୱିତ ବିଚାର ଉଦ୍ଦେଶ୍ୟରେ ଯଦି ରାଜ୍ୟ ସରକାର ଆବଶ୍ୟକ ବୋଲି ହୃଦ୍‌ବୋଧ କରନ୍ତି, ତେବେ ସେ ହାଇକୋର୍ଟଙ୍କ ସହ ବିଚାରବିମର୍ଷ କଲାପରେ ତଥା ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶନ କରି ଉକ୍ତ ଜିଲ୍ଲା ବା ମହାନଗର ଅଞ୍ଚଳରେ ଏକ ବା ଅଧିକ ସଂଖ୍ୟକ ପ୍ରଥମଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ ବା ଯଥାସ୍ଥିତି ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ ସ୍ଥାପନା କରିପାରନ୍ତି ।

(୨) ଯଦି ହାଇକୋର୍ଟ ଅନ୍ୟଥା ନିର୍ଦ୍ଦେଶ ଦେଇ ନଥାନ୍ତି, ତେବେ ଉପଧାରା(୧) ଅଧୀନରେ ସ୍ଥାପିତ ହୋଇଥିବା ଏକ ଅଦାଲତ କେବଳ ଏହି ଆଇନ୍ ଅଧୀନସ୍ଥ କେଶ୍‌ଗୁଡିକ ଉପରେ କ୍ଷେତ୍ରାଧିକାର ପ୍ରୟୋଗ କରିବେ ।

(୩) ଉପଧାରା(୨)ର ବ୍ୟବସ୍ଥାମାନ ଅଧୀନରେ ରହି କୌଣସି ଜିଲ୍ଲା ବା ମହାନଗର ଅଞ୍ଚଳରେ ଉପଧାରା(୧) ଅଧୀନରେ ସ୍ଥାପିତ ହୋଇଥିବା ଏକ ଅଦାଲତର ପୀଠାସୀନ ଅଧିକାରୀଙ୍କ ଠାରେ ସେହି କ୍ଷେତ୍ରାଧିକାର ଏବଂ କ୍ଷମତାସମୂହ ନ୍ୟସ୍ତ ରହିବ, ଯାହାକି ସମଗ୍ର ଜିଲ୍ଲା ବା ଯଥାସ୍ଥିତି ସମଗ୍ର ମହାନଗର ଅଞ୍ଚଳରେ ପରିବ୍ୟାପ୍ତ ହୋଇଥିବ ।

(୪) ଏହି ଧାରା ଅଧୀନରେ ଥିବା ପୂର୍ବୋକ୍ତ ବ୍ୟବସ୍ଥାମାନ ଅଧୀନରେ ରହି, ଉପଧାରା (୧) ଅଧୀନରେ କୌଣସି ଜିଲ୍ଲା ବା ମହାନଗର ଅଞ୍ଚଳରେ ସ୍ଥାପିତ ହୋଇଥିବା ଗୋଟିଏ ଅଦାଲତକୁ ଫୌଜଦାରୀ କାର୍ଯ୍ୟବିଧି ସଂହିତା ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨)ର ଧାରା ୧୧ ଅଧୀନସ୍ଥ ଉପଧାରା (୧) ବା ଯଥାସ୍ଥିତି ଧାରା ୧୬ ଅଧୀନସ୍ଥ ଉପଧାରା (୧) ଅଧୀନରେ ସ୍ଥାପିତ ଏକ ଅଦାଲତ ରୂପେ ବିବେଚନା କରାଯିବ ଏବଂ ଏହି ଅଦାଲତଗୁଡିକ କ୍ଷେତ୍ରରେ ଉକ୍ତ ସଂହିତାର ବ୍ୟବସ୍ଥାମାନ ତଦନୁଯାୟୀ ପ୍ରଯୁଜ୍ୟ ରହିବ ।

**ସ୍ପଷ୍ଟୀକରଣ-** ଏହି ଧାରାରେ "ହାଇକୋର୍ଟ" ଶବ୍ଦ ସେହି ଅର୍ଥ ବହନ କରିବ, ଯାହାକି ଫୌଜଦାରୀ କାର୍ଯ୍ୟବିଧି ସଂହିତା ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨)ର ଧାରା ୨ ଅଧୀନସ୍ଥ ଉପଧାରା (ଇ)ରେ ନ୍ୟସ୍ତ କରାଯାଇଛି ।

## ୨୨-ଏଏ. ସ୍ୱତନ୍ତ୍ର ଅଦାଲତମାନ ସ୍ଥାପନ ପାଇଁ କେନ୍ଦ୍ର ସରକାରଙ୍କ କ୍ଷମତା-

(୧) ଏହି ଆଇନ୍ ଅନ୍ତର୍ଗତ ଅପରାଧମାନ, ଯେଉଁଗୁଡିକ କି ଏକାଧିକ ରାଜ୍ୟରେ ସଂଘଟିତ ହୋଇଥାଏ, ସେଗୁଡିକର ତ୍ୱରାନ୍ୱିତ ବିଚାର ପାଇଁ ବ୍ୟବସ୍ଥା ରହିବା ଆବଶ୍ୟକ ବୋଲି ଯଦି କେନ୍ଦ୍ର ସରକାର ହୃଦ୍‌ବୋଧ କରନ୍ତି, ତେବେ ସଂପୃକ୍ତ ହାଇକୋର୍ଟଙ୍କ ସହ ବିଚାରବିମର୍ଷ କଲାପରେ ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶନ କରି ସେ ଉପରୋକ୍ତ ଅପରାଧଗୁଡିକର ବିଚାର ପାଇଁ ଏକ ବା ଏକାଧିକ ପ୍ରଥମଶ୍ରେଣୀ ବିଚାର-ବିଭାଗୀୟ ମାଜିଷ୍ଟ୍ରେଟ୍ ବା ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ ସ୍ଥାପନା କରିପାରନ୍ତି ।

(୨) ଉପଧାରା (୧)ମତେ ସ୍ଥାପିତ ଅଦାଲତମାନଙ୍କ କ୍ଷେତ୍ରରେ ଧାରା ୨୨ଏ ର ବ୍ୟବସ୍ଥାମାନ ଯଥାସମ୍ଭବ ପ୍ରଯୁଜ୍ୟ ରହିବ ଠିକ୍ ଯେପରି ସେଗୁଡିକ ଉକ୍ତ ଧାରା ଅଧୀନରେ ସ୍ଥାପିତ ହୋଇଥିବା ଅଦାଲତ ଗୁଡିକ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇଥାଏ ।

**୨୨-ବି. କେଶ୍‌ଗୁଡିକର ତ୍ୱରିତ୍ ବିଚାର କରିବା ପାଇଁ ଅଦାଲତର କ୍ଷମତା-**

ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩(୧୯୭୪ର ଆଇନ୍ ସଂଖ୍ୟା ୨) ରେ ଯାହା କିଛି ସ୍ଥାନିତ ହୋଇଥାଉନା କାହିଁକି, ରାଜ୍ୟ ସରକାର ଯଦି ଆବଶ୍ୟକ ଅନୁଭବ କରନ୍ତି, ତେବେ ସେ ନିର୍ଦ୍ଦେଶ ଦେଇ ପାରିବେ ଯେ, ଏହି ଆଇନ୍ ଅଧୀନସ୍ଥ ଅପରାଧଗୁଡ଼ିକ ଜଣେ ମାଜିଷ୍ଟ୍ରେଟ୍ [ଧାରା ୨୨ଏ ର ଉପଧାରା (୧) ଅଧୀନରେ ସ୍ଥାପିତ ଏକ ଅଦାଲତର ପୀଠାସୀନ ଅଧିକାରୀଙ୍କ ସମେତ]ଙ୍କ ଦ୍ୱାରା ତ୍ୱରିତ ପଦ୍ଧତିରେ ବିଚାର କରାଯିବ ଏବଂ ଉପରୋକ୍ତ ସଂହିତାର ଧାରା ୨୬୨ରୁ ୨୬୫ (ଉଭୟ ଧାରାକୁ ଅନ୍ତର୍ଭୁକ୍ତ କରି) ଏପ୍ରକାର ବିଚାର ପ୍ରକ୍ରିୟାରେ ଯଥାସମ୍ଭବ ପ୍ରଯୁଜ୍ୟ ରହିବ:

ପରନ୍ତୁ, ଏହି ଧାରା ଅଧୀନରେ ଅନୁଷ୍ଠିତ ଏକ ତ୍ୱରିତ ବିଚାର ଫଳରେ ଯଦି କୌଣସି ଦୋଷସିଦ୍ଧି ସାବ୍ୟସ୍ତ ହୁଏ, ତେବେ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ପକ୍ଷେ ଏଭଳି ଏକ ଜେଲ୍‌ଦଣ୍ଡ ଘୋଷଣା କରିବା ଆଇନ୍‌ସଙ୍ଗତ ହେବ, ଯାହା କି ଏକ ବର୍ଷରୁ ଅଧିକ ହୋଇନଥିବ:

ପୁଣି ପରନ୍ତୁ, ଏହି ଧାରା ଅଧୀନରେ ଏକ ତ୍ୱରିତ ବିଚାରର ପ୍ରାରମ୍ଭ ବା ଅଗ୍ରଗତି ଭିତରେ ଯଦି ମାଜିଷ୍ଟ୍ରେଟ୍‌ଙ୍କୁ ଏହା ପ୍ରତୀୟମାନ ହୁଏ ଯେ, ଏକ ବର୍ଷରୁ ଅଧିକ ଜେଲ୍‌ଦଣ୍ଡ ଜାରି କରିବାର ଆବଶ୍ୟକତା ଅଛି ବା ଅନ୍ୟ କୌଣସି କାରଣରୁ କେଶ୍‌ର ତ୍ୱରିତ ବିଚାର କରିବା ଅସ୍ପୃହଣୀୟ, ତେବେ ସେ ଉଭୟ ପକ୍ଷଙ୍କ ବୟାନ୍ ଶୁଣି ସେହିମତେ ନିଜର ଆଦେଶକୁ ଲିପିବଦ୍ଧ କରିବେ, ଏବଂ ତତ୍‌ପରେ ପୁଣି ସେଭଳି କୌଣସି ସାକ୍ଷୀଙ୍କୁ ପୁନଃତଲବ କରିପାରନ୍ତି, ଯାହାଙ୍କୁ ଆଗରୁ ଜେରା କରାଯାଇଥିବ ଏବଂ ଉକ୍ତ ସଂହିତାରେ ସୂଚୀତ ହୋଇଥିବା ପଦ୍ଧତିରେ କେଶ୍‌ଟିକୁ ଶୁଣାଣି ବା ପୁନଃଶୁଣାଣି ପାଇଁ ପଦକ୍ଷେପ ନେଇପାରନ୍ତି ।

**୨୩. ନିୟମାବଳୀ ପ୍ରଣୟନ ପାଇଁ କ୍ଷମତା -**

(୧) ଏହି ଆଇନ୍‌ର ଉଦ୍ଦେଶ୍ୟ ସାଧନ ପାଇଁ ରାଜ୍ୟ ସରକାର ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶ କରି ନିୟମାବଳୀ ଜାରି କରିପାରନ୍ତି ।

(୨) ପୂର୍ବବର୍ଣ୍ଣୀତ କ୍ଷମତାବଳୀର ସାମଗ୍ରୀକ ପ୍ରଯୁଜ୍ୟତାକୁ ବ୍ୟାହତ ନକରି ନେଇ, ଏହି ନିୟମାବଳୀ ନିମ୍ନୋକ୍ତ ବ୍ୟବସ୍ଥାଗୁଡିକୁ ସ୍ଥାନିତ କରିପାରେ-

(ଏ) କୌଣସି ସ୍ଥାନକୁ ସର୍ବସାଧରଣ ସ୍ଥାନ ଭାବେ ବିଜ୍ଞାପିତ କରିବା;

(ବି) ଧାରା ୧୭ର ଉପଧାରା (୧) ଅଧୀନରେ ଯେଉଁ ବ୍ୟକ୍ତିମାନଙ୍କର ନିରାପଦ ହେପାଜତ୍ ପାଇଁ ଆଦେଶ ଜାରି କରାଯାଇଛି, ସେମାନଙ୍କୁ ଏପ୍ରକାର ହେପାଜତ୍‌ରେ ଜିମା ଦେବା ଏବଂ ସେମାନଙ୍କର ଭରଣପୋଷଣ;

(ବିବି) ଧାରା ୧୦-ଏର ଉପଧାରା (୩) ଅଧୀନରେ ଏକ ସଂଶୋଧକ ସଂସ୍ଥାରୁ ଜଣେ ଅପରାଧିଙ୍କୁ ଖଲାସ କରିବା ଏବଂ ଏପ୍ରକାର ଅଧିକାରୀଙ୍କୁ ଯେଉଁ ଲାଇସେନ୍ସ ମଞ୍ଜୁର କରାଯିବ, ତହିଁର ଫର୍ମ ;

(ସି) ଏହି ଆଇନ୍ ଅଧୀନରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ସୁରକ୍ଷା ଗୃହରେ ବା ଯଥାସ୍ଥିତି ସଂଶୋଧକ ସଂସ୍ଥାରେ ଅଟକ ରଖିବା ବା ଆଶ୍ରୟ ଦେବା ଏବଂ ସେମାନଙ୍କର ଭରଣପୋଷଣ ;

(ଡି) ଖଲାସ ହୋଇଥିବା ଦୋଷୀମାନଙ୍କର ବାସଗୃହ ବା ବାସଗୃହର ପରିବର୍ତ୍ତନ ବା ବାସଗୃହରୁ ଅନୁପସ୍ଥିତି ସମ୍ବନ୍ଧରେ ବିଜ୍ଞପ୍ତି ଜାରି କରିବାକୁ ନେଇ ଧାରା ୧୧ର ବ୍ୟବସ୍ଥାଗୁଡିକୁ କାର୍ଯ୍ୟକାରୀ କରିବା ;

(ଇ) ଧାରା ୧୩ର ଉପଧାରା (୧) ଅଧୀନରେ ସ୍ୱତନ୍ତ୍ର ପୋଲିସ୍ ଅଧିକରୀଙ୍କୁ ନିଯୁକ୍ତ କରିବା ପାଇଁ କର୍ତ୍ତୃତ୍ୱ ନ୍ୟସ୍ତ କରିବା ;

(ଏଫ୍) ଧାରା ୧୮ ର ବ୍ୟବସ୍ଥାଗୁଡିକୁ କାର୍ଯ୍ୟରୂପ ଦେବା;

(ଜି)-

(୧) ଧାରା ୨୧ ଅଧୀନରେ ସୁରକ୍ଷା ଗୃହ ଓ ସଂଶୋଧକ ସଂସ୍ଥାଗୁଡିକର ସ୍ଥାପନା, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ତତ୍ତ୍ୱାବଧାନ ତଥା ଏହିସବୁ ସଂସ୍ଥାରେ ନିଯୁକ୍ତ ବ୍ୟକ୍ତିମାନଙ୍କର ନିୟୋଜନ, କ୍ଷମତାବଳୀ ଏବଂ ଦାୟିତ୍ୱାବଳୀ;

(୨) ଲାଇସେନ୍ସ ପାଇଁ ଆବେଦନର ଫର୍ମ ଏବଂ ଏତାଦୃଶ ଆବେଦନରେ ସ୍ଥାନିତ ହେବାକୁ ଥିବା ସବିଶେଷ ତଥ୍ୟାବଳୀ ;

(୩) ଲାଇସେନ୍ସର ମଂଜୁରି ବା ନବୀକରଣ ପ୍ରକ୍ରିୟା, କେଉଁ ସମୟ-ସୀମା ଭିତରେ ଏତାଦୃଶ ଲାଇସେନ୍ସ ନିର୍ଗମନ ବା ନବୀକରଣ ହେବ, ଏବଂ ଲାଇସେନ୍ସ ପାଇଁ ଆଗତ ଏକ ଆବେଦନ ଉପରେ ଏକ ସଂପୂର୍ଣ୍ଣ ଓ ସାମଗ୍ରୀକ ଅନୁସନ୍ଧାନ ପାଇଁ ଅନୁସୃତ ହେବାକୁ ଥିବା ପ୍ରକ୍ରିୟା;

(୪) ଲାଇସେନ୍ସର ଫର୍ମ ଓ ତହିଁରେ ସୂଚୀତ ହେବାକୁ ଥିବା ସର୍ତ୍ତାବଳୀ;

(୫) ଗୋଟିଏ ସୁରକ୍ଷାଗୃହ ବା ସଂଶୋଧକ ସଂସ୍ଥାର ହିସାବପତ୍ର କେଉଁ ପଦ୍ଧତିରେ ଅନୁରକ୍ଷିତ ଏବଂ ଅଡିଟ୍ ହେବ;

(୬) ଜଣେ ଲାଇସେନ୍ସ-ଧାରୀଙ୍କ ଦ୍ୱାରା ଅନୁରକ୍ଷିତ ହେବାକୁ ଥିବା ରେଜିଷ୍ଟର୍ ଓ ବିବୃତ୍ତିସମୂହ ତଥା ଏହିସବୁ ରେଜିଷ୍ଟର୍ ଓ ବିବୃତ୍ତିସମୂହ ଯେଉଁ ଫର୍ମରେ ଅନୁରକ୍ଷିତ ହେବ ;

(୭) ସୁରକ୍ଷାଗୃହ ଓ ସଂଶୋଧକ ସଂସ୍ଥାଗୁଡିକର ଅନ୍ତେବାସୀମାନଙ୍କର ଯତ୍ନ, ଚିକିତ୍ସା, ଭରଣପୋଷଣ, ପ୍ରଶିକ୍ଷଣ, ଶିକ୍ଷା, ନିୟନ୍ତ୍ରଣ ଓ ଶୃଙ୍ଖଳା ;

(୮) ଏତାଦୃଶ ଅନ୍ତେବାସୀମାନଙ୍କୁ ସାକ୍ଷାତ ଏବଂ ସେମାନଙ୍କ ସହିତ ଯୋଗାଯୋଗ ରକ୍ଷା;

(୯) ସୁରକ୍ଷାଗୃହ ବା ସଂଶୋଧକ ସଂସ୍ଥାରେ ଅଟକ ପାଇଁ ଦଣ୍ଡାଦେଶ ପାଇଥିବା ବ୍ୟକ୍ତିମାନଙ୍କୁ ସେହି ଗୃହ ବା ସଂସ୍ଥାକୁ ପଠାଇବା ସକାଶେ ବ୍ୟବସ୍ଥା କରା ନଯିବା ପର୍ଯ୍ୟନ୍ତ ସାମୟିକ ଅଟକ ରଖିବା;

(୧୦) ଜଣେ ଅନ୍ତେବାସୀଙ୍କୁ ସ୍ଥାନାନ୍ତର -

ଏ. ଗୋଟିଏ ସୁରକ୍ଷା ଗୃହରୁ ଆଉ ଗୋଟିଏ ସୁରକ୍ଷା ଗୃହକୁ ,

ବି. ଗୋଟିଏ ସଂଶୋଧକ ସଂସ୍ଥାରୁ ଆଉ ଗୋଟିଏ ସଂଶୋଧନ ସଂସ୍ଥାକୁ , ଧାରା ୨୧ର ଉପଧାରା (୯-ଏ) ଅଧୀନରେ ;

(୧୧) କୌଣସି ବ୍ୟକ୍ତିଙ୍କୁ ଅସଂଶୋଧନୀୟ ମନେ କରାଗଲେ ବା ସେ ସୁରକ୍ଷାଗୃହ ବା ସଂଶୋଧକ ସଂସ୍ଥାର ଅନ୍ୟ ଅନ୍ତେବାସୀମାନଙ୍କ ଉପରେ ମନ୍ଦ ପ୍ରଭାବ ବିସ୍ତାର କରୁଛନ୍ତି ବୋଲି ମନେ କରାଗଲେ ଅଦାଲତଙ୍କ ଆଦେଶ ମତେ ତାଙ୍କୁ ସୁରକ୍ଷା ଗୃହ ବା ସଂଶୋଧକ ସଂସ୍ଥାରୁ ଗୋଟିଏ ଜେଲ୍‌ଖାନାକୁ ସ୍ଥାନାନ୍ତରଣ ଏବଂ ଏତାଦୃଶ ଜେଲ୍‌ଖାନାରେ ସେ ଅଟକ ରହିବାର ସମୟ ଅବଧି ;

(୧୨) ଧାରା ୭ ବା ଧାରା ୮ ଅଧୀନରେ ଦଣ୍ଡିତ ହୋଇଥିବା ବ୍ୟକ୍ତିମାନଙ୍କୁ ଏକ ସୁରକ୍ଷାଗୃହ ବା ସଂଶୋଧକ ସଂସ୍ଥାକୁ ସ୍ଥାନାନ୍ତରଣ ଏବଂ ଏତାଦୃଶ ସୁରକ୍ଷା ଗୃହ ବା ସଂଶୋଧକ ସଂସ୍ଥାରେ ସେମାନଙ୍କର ଅଟକ ଅବଧି ;

(୧୩) ବିନା ସର୍ତ୍ତରେ ବା କୌଣସି ସର୍ତ୍ତାବଳୀ ଅଧୀନରେ ଗୋଟିଏ ସୁରକ୍ଷାଗୃହ ବା ସଂଶୋଧକ ସଂସ୍ଥାରୁ ଅନ୍ତେବାସୀମାନଙ୍କୁ ଖଲାସ କରିଦେବା ଏବଂ ଉକ୍ତ ସର୍ତ୍ତାବଳୀର ଉଲ୍ଲଂଘନ ଘଟାଇଲେ ସେମାନଙ୍କୁ ଗିରଫ କରିବା ;

(୧୪) ଅନ୍ତେବାସୀମାନଙ୍କୁ ସ୍ୱଳ୍ପ ସମୟ ପାଇଁ ବିରତି ଦେବା ପାଇଁ ଅନୁମତି ମଞ୍ଜୁରି କରାଇବା ;

(୧୫) ଯେଉଁ ସୁରକ୍ଷାଗୃହ, ସଂଶୋଧକ ସଂସ୍ଥା ଏବଂ ଅନ୍ୟାନ୍ୟ କୌଣସି ଅନୁଷ୍ଠାନରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଆଶ୍ରୟ, ଅଟକ ବା ଭରଣପୋଷଣ କରାଯାଉଥିବ, ସେଗୁଡିକୁ ନିରୀକ୍ଷଣ ;

(ଏଚ୍) ଅନ୍ୟ କୌଣସି ବିଷୟ, ଯାହାକି ବିହିତ ହେବାକୁ ଥିବ ଏବଂ ବିହିତ କରାଯାଇପାରେ ।

(୩) ଉପଧାରା (୨)ର ଅଣ-ଉପଧାରା (ଡି) ବା ଅଣ-ଉପଧାରା (ଜି) ଅଧୀନରେ କୌଣସି ନିୟମାବଳୀ ପ୍ରଣୟନ କଲାବେଳେ ରାଜ୍ୟ ସରକାର ଏକଥା ବିହିତ କରିପାରନ୍ତି ଯେ, ଉପରୋକ୍ତ ବ୍ୟବସ୍ଥାଗୁଡିକର ଉଲ୍ଲଂଘନ କାରଣରୁ ଯେଉଁ ଜୋରିମାନା ଦଣ୍ଡ ମିଳିବ, ତାହା ଦୁଇଶତ ପଚାଶ ଟଙ୍କା ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇପାରେ ।

(୪) ଏହି ଆଇନ୍ ଅଧୀନରେ ପ୍ରସ୍ତୁତ ସମସ୍ତ ନିୟମାବଳୀକୁ ସେଗୁଡିକ ପ୍ରସ୍ତୁତ ହେବା ପରେ ଯଥାଶୀଘ୍ର ରାଜ୍ୟ ଆଇନ୍ ସଭାରେ ସ୍ଥାନିତ କରାଯିବ ।

**୨୪. ଅନ୍ୟ କୌଣସି ଆଇନ୍‌କୁ କ୍ଷୁର୍ଣ୍ଣ କରୁନଥିବା ଆଇନ୍ -**

ଏହି ଆଇନ୍‌ରେ ଯାହାକିଛି ବ୍ୟବସ୍ଥା ଅଛି, ତାହା ସଂସ୍କାର ବିଦ୍ୟାଳୟ ଆଇନ୍, ୧୮୯୭ (୧୮୯୭ର ଆଇନ୍ ସଂଖ୍ୟା ୮) ବା ସେହି ଆଇନ୍‌ର ପରିବର୍ତ୍ତୀତ ରୂପ ନେଇ ଅଥବା ବାଳୁତ ଅପରାଧୀମାନଙ୍କ ସଂକ୍ରାନ୍ତରେ ଅନ୍ୟଥା ପ୍ରଣୀତ ହୋଇଥିବା କୌଣସି ରାଜ୍ୟ ଆଇନ୍‌ର ବ୍ୟବସ୍ଥାଗୁଡିକର ବିରୁଦ୍ଧାଚରଣ କରୁଛି ବୋଲି ବିବେଚନା କରାଯିବ ନାହିଁ ।

**୨୫. ପ୍ରତ୍ୟାହର ଓ ସଂରକ୍ଷଣ -**

(୧) ଏହି ଅଇନ୍‌ର ଧାରା ୧ ବ୍ୟତିରେକ ଅନ୍ୟ ବ୍ୟବସ୍ଥାଗୁଡିକ ଗୋଟିଏ ରାଜ୍ୟରେ ଯେଉଁ ତାରିଖ ଠାରୁ ବଳବତ୍ତର ହେବ, ସେହି ତାରିଖର ଅବ୍ୟବହିତ ପୂର୍ବରୁ ଅନୈତିକ ଚାଲାଣର ଦମନ ବା ବେଶ୍ୟାବୃତ୍ତିର ପ୍ରତିଷେଧ ସଂବନ୍ଧରେ ଯେଉଁସବୁ ରାଜ୍ୟ ଆଇନ୍‌ମାନ ବଳବତ୍ତର ଥିବ, ସେଗୁଡିକ ପ୍ରତ୍ୟାହୃତ ହୋଇଯିବ ।

(୨) ଉପଧାରା (୧)ରେ ସୂଚୀତ ହୋଇଥିବା କୌଣସି ରାଜ୍ୟ ଆଇନ୍ ଏହି ଆଇନ୍ ବଳରେ ପ୍ରତ୍ୟାହୃତ ହୋଇଗଲେ ହେଁ, ଉକ୍ତ ରାଜ୍ୟ ଆଇନ୍‌ର ବ୍ୟବସ୍ଥାଗୁଡିକ ଅଧୀନରେ ଯାହାକିଛି ସମ୍ପାଦିତ ହୋଇଥିବ ବା ଯାହାକିଛି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବ, ତାହାସବୁ ଯେତିକି ଦୂର ଏହି ଆଇନ୍‌ର ବ୍ୟବସ୍ଥାଗୁଡିକ ସହିତ ଅସଂଗତ ହୋଇନଥିବ, ସେତିକି ଦୂର ଏହି ଆଇନ୍‌ର ବ୍ୟବସ୍ଥାଗୁଡିକ ଅଧୀନରେ ସମ୍ପାଦିତ ଏବଂ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ବିବେଚନା କରାଯିବ, ସତେ ଯେମିତି ତାହା ସମ୍ପାଦିତ ହେବା ବେଳେ ବା ସଂପୃକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବା ବେଳେ ଉକ୍ତ ବ୍ୟବସ୍ଥାମାନ ବଳବତ୍ତର ଥିଲା ଏବଂ ଉକ୍ତ ବ୍ୟବସ୍ଥାମାନ ତଦନୁଯାୟୀ ସେପର୍ଯ୍ୟନ୍ତ ବଳବତ୍ତର ରହିବ, ଯେ ପର୍ଯ୍ୟନ୍ତ ଏହି ଆଇନ୍ ଅଧୀନରେ କୌଣସି ସମ୍ପାଦିତ କାର୍ଯ୍ୟ ବା ଗୃହୀତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସେଗୁଡିକ ଅଧିକ୍ରାନ୍ତ ନହୋଇଛି ।

**ସ୍ପଷ୍ଟୀକରଣ** – ଏହି ଧାରାରେ ଅଭିବ୍ୟକ୍ତି 'ରାଜ୍ୟ ଆଇନ୍' ଭିତରେ 'ପ୍ରାଦେଶିକ ଆଇନ୍' ଅନ୍ତର୍ଭୁକ୍ତ ରହିବ ।

## ଅନୁସୂଚୀ

**[ଦ୍ରଷ୍ଟବ୍ୟ- ଧାରା ୨(ସି)]**

| ଧାରାମାନ | କ୍ଷମତା ପ୍ରୟୋଗ ପାଇଁ ଯେଉଁ ମାଜିଷ୍ଟ୍ରେଟ୍ କର୍ତ୍ତୃତ୍ୱପ୍ରାପ୍ତ |
|---|---|
| ୭(୧) | ଜିଲ୍ଲା ମାଜିଷ୍ଟ୍ରେଟ୍ |
| ୧୧(୪) | ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ୧ମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ |
| ୨ | x x x x x |
| ୧୫(୫) | ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍, ୧ମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍, ଜିଲ୍ଲା ମାଜିଷ୍ଟ୍ରେଟ୍ ବା ସବ୍-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ |
| ୧୬ | ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍, ୧ମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍, ଜିଲ୍ଲା ମାଜିଷ୍ଟ୍ରେଟ୍ ବା ସବ୍-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ |
| ୧୮ | ଜିଲ୍ଲା ମାଜିଷ୍ଟ୍ରେଟ୍ ବା ସବ୍-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ |
| ୧୯ | ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍, ୧ମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍, ଜିଲ୍ଲା ମାଜିଷ୍ଟ୍ରେଟ୍ ବା ସବ୍-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ |
| ୨୦ | ଜିଲ୍ଲା ମାଜିଷ୍ଟ୍ରେଟ୍, ସବ୍-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ ବା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ କ୍ଷମତାପ୍ରାପ୍ତ ହୋଇଥିବା କୌଣସି କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ |
| ୨୨-ବି | ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ୧ମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ |

*[Translated from English version of the Act available on the the website of Ministry of Women and Child Development, Govt of India (http://wcd.nic.in), by Chitta Behera, 4A Jubilee Tower, Choudhury, Cuttack-9, Email: chittabehera1@yahoo.co.in, M-9437577546 on 22nd July 2009]*

*[ଭାରତ ସରକାରଙ୍କ ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟର ୱେବ୍‌ସାଇଟ୍ (http://wcd.nic.in) ରେ ଉପଲବ୍ଧ ଥିବା ଆଇନ୍‌ର ଇଂରାଜୀ ସଂସ୍କରଣରୁ ଅନୁବାଦିତ । ଅନୁବାଦକ- ଚିତ୍ତ ବେହେରା, ୪ଏ, ଜୁବୁଲି ଟାୱାର୍, ଚୌଧୁରୀ ବଜାର, କଟକ-୯, ଇମେଲ୍- chittabehera@yahoo.co.in, ମୋବାଇଲ୍- ୯୪୩୭୫୭୭୫୪୬, ତା ୨୨ ଜୁଲାଇ ୨୦୦୯]*